୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.04 Bhubaneswar Sunday February 05 2023 | ୨୬ତମ ବର୍ଷ ସଂଖ୍ୟା-୦୪ ଭୁବନେଶ୍ୱର, ରବିବାର, ଫେବୃଆରୀ ୦୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ରେଳ ଅନୁଦାନ: ରାଜ୍ୟ ସରକାରଙ୍କ ଅପାରଗତା ନା କେନ୍ଦ୍ରର ଅବହେଳା ?

ଭୁବନେଶ୍ୱର,୪।୨(ପି.ଏନ): ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଓଡିଶାକୁ ରେକର୍ଡ ପରିମାଣର ୧୦,୦୧୨କୋଟି ଟଙ୍କାର ରେଳ ଅନୁଦାନ ଆବଣ୍ଟନ ହେବା ନେଇ ବଜେଟରେ ବ୍ୟବସ୍ଥା ପରେ ଏବେ ରାଜ୍ୟରେ ବିଜେଡି ଓ ବିଜେପି ମୁହାଁମୁହିଁ ହୋଇଛନ୍ତି। ତେବେ ବାସ୍ତବରେ ଓଡିଶାକୁ କମ୍ ? ପରିମାଣର ରେଳ ଅନୁଦାନ କେନ୍ଦ୍ର ସରକାର ଆବଣ୍ଟନ କରୁଛନ୍ତି ନା ରାଜ୍ୟ ସରକାର ପର୍ଯ୍ୟାପ୍ତ ଅନୁଦାନ ନିମନ୍ତେ ଦାବି କରିବାରେ ବିଫଳ ହେଉଛି ତାକୁ ନେଇ ଏବେ ନୂଆ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଓଡିଶାରୁ କେନ୍ଦ୍ରର ଏନଡିଏ ସରକାର ରେଳ ରାଜସ୍ୱ ଆକାରରେ ବାର୍ଷିକ ୨୦ରୁ ୨୨ହଜାର କୋଟି ଟଙ୍କା ନେଉଥିବା ତଥା ଗତ ୯ବର୍ଷ ମଧ୍ୟରେ ପ୍ରାୟ ୨ଲକ୍ଷ କୋଟି ଟଙ୍କାର ରାଜସ୍ୱ ନେଇଥିଲେ ବି ପର୍ଯ୍ୟାପ୍ତ ପାଣ୍ଠି ଆବଂଟନ କାହିଁକି ହେଉନି ଓ ଯାହାବି ହେଉଛି ତାହା ଯାଉଛି କୁଆଡ ବୋଲି ଶାସକ ବିଜେଡି ଆଜି ପ୍ରଶ୍ନ କରିବା ପରେ ସାଧାରଣରେ ବି ଏନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ କିନ୍ତୁ ବାସ୍ତବରେ କ'ଣ ରାଜ୍ୟ ସରକାରଙ୍କ ଦାବି ମୁତାବକ ରେଳ ଅନୁଦାନ ଦେବାରେ କେନ୍ଦ୍ର ସରକାର ଟାଳଟୁଳ ଓ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି କି ?ରାଜ୍ୟ ସରକାରଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୩-୨୪ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡିଶା ପାଇଁ ରେକର୍ଡ ପରିମାଣର ୧୦,୦୧୨ କୋଟି ରେଳ ଅନୁଦାନ ଆବଂଟନ କରିଛନ୍ତି। ଏହି ବଜେଟରେ ୮୪୦୦କୋଟି ଟଙ୍କା ରେଳ ଅନୁଦାନ ଦେବାକୁ ଓଡିଶା ସରକାର ବିଧିବଦ୍ଧ ଦାବି ଉପସ୍ଥାପନ କରିଥିଲେ।



## ଆଜିଠୁ ଯୋରନ୍ଦା ମାଘ ମେଳା

ଢେଙ୍କାନାଳ, ୪।୨(ପି.ଏନ):- ଆଜି ଠାରୁ ଆରମ୍ଭ ହୋଇଛି ପବିତ୍ର ଯୋରନ୍ଦା ମାଘ ମେଳା। ଆଜି ମାଘ ଚତୁର୍ଦ୍ଦଶୀ। ଆସନ୍ତାକାଲି ମାଘ ପୂର୍ଣ୍ଣିମା। ତିନି ଦିନ ଧରି ଅନୁଷ୍ଠିତ ହେବ ଏହି ମେଳା। ସଂନ୍ଧ୍ୟାରେ ଗାଦି ମନ୍ଦିରର ଚାରି ଦ୍ୱାରରେ ଝାଡ଼ ଦୀପ ପ୍ରଜ୍ୱଳନ କରାଯିବ। ଏହି ଅବସରରେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଚଳିତ ବର୍ଷ ଯୋରନ୍ଦା ମେଳାକୁ ୧୫୦ ବର୍ଷ ପୂରଣ ହୋଇଛି। ମହିମା ଧର୍ମର ରୀତିନୀତି ଅନୁସାରେ ଚଳିତ ବର୍ଷ ୧୫୦ ତମ ପ୍ରଭୁ ପୂର୍ଣ୍ଣିମା ଉତ୍ସବ ପାଳନ କରାଯିବ। ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳାକୁ ଶାନ୍ତି ଶୃଙ୍ଖଳାର ସହିତ ଶେଷ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କୋଭିଡ୍ ସ୍ଥିତି ସ୍ୱାଭାବିକ୍ ହେବା ପରେ ଦୁଇ ବର୍ଷ ପରେ ବିନା କଟକଣାରେ ଚଳିତ ବର୍ଷ ମେଳା ଅନୁଷ୍ଠିତ ହେଉଥିବାରୁ ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ଆଶା କରାଯାଉଛି।

## ୫-ଟି ସଚିବ ଓ ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ଜଗନ୍ନାଥ ମନ୍ଦିରରେ ପରିଦର୍ଶନ

ଜୟପୁର, ୪।୨(ପି.ଏନ): ମୁଖ୍ୟମନ୍ତ୍ରୀ ଙ୍କ ୫-ଟି ସଚିବ ଭି. କେ ପାଣ୍ଡିଆନ ଗତ କାଲି ଜୟପୁର ଅଧିଷ୍ଠାତ୍ରୀ ମା ଭଗବତୀ, ବଲ୍ଲଭ ନାରାୟଣ ଜଗନ୍ନାଥ ମନ୍ଦିର ଯାଇ ଭଗବାନଙ୍କ ଆର୍ଶୀବାଦ ଲାଭ କରିଛନ୍ତି। ପରେ ଭଗବତୀ ମନ୍ଦିରର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ମନ୍ଦିର ପ୍ରତିଷ୍ଠା ପାଇଁ ୧୦ ଲକ୍ଷ ଟଙ୍କା ମନ୍ଦିର ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଶନିବାର ବିଜେଡିର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ କୋରାପୁଟ ଜିଲା ପର୍ଯ୍ୟବେକ୍ଷକ କେପଟେନ ଦିବ୍ୟ ଶଙ୍କର ମିଶ୍ର ଜୟପୁର ଗସ୍ତରେ ଆସିଛନ୍ତି।

## ଜେଏସପି ଫାଉଣ୍ଡେସନ ଦ୍ୱାରା ବଡ଼ବିଲ ଠାରେ ଅତ୍ୟାଧୁନିକ ହସ୍ପିଟାଲର ଭିତିପ୍ରସ୍ତର ସ୍ଥାପନ

ଚମ୍ପୁଆ, ୪।୨(ପି.ଏନ): ଗ୍ରାମାଚଂଳ ତଥା ଆଦିବାସୀ ଅଂଚଳର ଲୋକଙ୍କ ଜୀବନ ଧାରଣ ମୂଲ୍ୟରେ ଉନ୍ନତି ଆଣିବା ଲକ୍ଷ୍ୟରେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ଶାଖା, ଜେଏସପି ଫାଉଣ୍ଡେସନ, କେନ୍ଦୁଝର ଜିଲ୍ଲା, ଚମ୍ପୁଆ ଉପଖଣ୍ଡସ୍ଥ ବଡ଼ବିଲ ଠାରେ ଏକ ଅତ୍ୟାଧୁନିକ ହସ୍ପିଟାଲ, 'ଜିନ୍ଦଲ ଆରୋଗାମ ହସ୍ପିଟାଲ'ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଜେଏସପି ଅଧ୍ୟକ୍ଷ ନବୀନ ଜିନ୍ଦଲ ଏବଂ ଜେଏସପି ଫାଉଣ୍ଡେସନର ଚେୟାରପର୍ସନ ଶ୍ରୀମତୀ ଶାଲୁ ଜିନ୍ଦଲ ଭୂମି ପୂଜନ କରି ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଡାକ୍ତରଖାନା ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବା ସହ ଲୋକମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇଦେବ।ଏହି ଅବସରରେ ଶ୍ରୀ ଜିନ୍ଦଲ କହିଛନ୍ତି, "ଲୋକଙ୍କ ଉନ୍ନତ ମାନର ଜୀବନଧାରଣ ତଥା ସ୍ୱାସ୍ଥ୍ୟ ଜାତୀୟ ବିକାଶ ପାଇଁ ଏକ ପ୍ରମୁଖ ଆବଶ୍ୟକତା। ସୁସ୍ଥ ସମାଜ ଗଠନ ପାଇଁ ଏହି ଡାକ୍ତରଖାନା ଆମର ଏକ ପ୍ରମୁଖ ପ୍ରୟାସ"। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସ୍ୱାଭାବିକ ଭାବେ ସୁସ୍ଥ ରହିବା ପାଇଁ ତାଜା ପୁଷ୍ଟିକର ଖାଦ୍ୟ ଓ ନିୟମିତ ବ୍ୟାୟାମ ନିହାତି ଦରକାର।ସମାବେଶକୁ ସମ୍ବୋଧିତ କରି, ଶ୍ରୀମତୀ ଜିନ୍ଦଲ କହିଛନ୍ତି, "ଜିନ୍ଦଲ ଆରୋଗ୍ୟମ୍ ହସ୍ପିଟାଲ୍ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ସ୍ଥାନୀୟ ଲୋକଙ୍କ ଜୀବନ ଧାରଣ ମୂଲ୍ୟରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ କରିବ। ଏହା ଉନ୍ନତ ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଇଁ ସହଜ ଏବଂ ସୁଲଭ କରିବ"। ଏହି ହସ୍ପିଟାଲ ସମଗ୍ର ଦେଶର ଗରିବ ଓ ଅସହାୟ ଲୋକଙ୍କୁ ମାଗଣା ଡାକ୍ତରୀ ପରାମର୍ଶ ଏବଂ ଚିକିତ୍ସା ସୁବିଧା ଯୋଗାଇବ ବୋଲି ସେ କହିଛନ୍ତି।ଆରମ୍ଭ ହେବାକୁ ଥିବା ଏହି ହସ୍ପିଟାଲରେ ୧୯ ଟି ଶଯ୍ୟା ରହିବ ଏବଂ ସର୍ଜରୀ, ସ୍ତ୍ରୀ ରୋଗ ଏବଂ ପେଡିଆଟ୍ରିକ୍ସ, ମେଡିସିନ୍ ର ବିଶେଷ ବିଭାଗରେ ନିୟମିତ ଚିକିତ୍ସା ସେବା ଯୋଗାଇ ଦିଆଯିବ। ପରାମର୍ଶ ଏବଂ ଚିକିତ୍ସା ପାଇଁ ହୃଦ୍ରୋଗ, ଦନ୍ତ ଚିକିତ୍ସା, ଅର୍ଥୋପେଡିକ୍ସ, ଗ୍ୟାଷ୍ଟ୍ରୋଏଂଟେରୋଲୋଜି ଏବଂ ଚକ୍ଷୁ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କ ପରିଦର୍ଶନ ମଧ୍ୟ ଉପଲବ୍ଧ ହେବ। ହସ୍ପିଟାଲରେ ଆଧୁନିକ କାର୍ଯ୍ୟକ୍ଷମ ଡାଇଗ୍ନୋଷ୍ଟିକ୍ ଏବଂ ପାଥୋଲୋଜିକାଲ୍ ସୁବିଧା ଉପଲବ୍ଧ ହେବ। ଲୋକମାନେ ଏକ୍ସ-ରେ, ଇସିଜି, ଇକୋ, ଟିଏମଟି, ଅଲଟ୍ରାସୋନୋଗ୍ରାଫି ଏବଂ ପାଥୋଲାବ ଏବଂ ଅନ୍ୟାନ୍ୟ ଆଧୁନିକ ସେବା ପାଇପାରିବେ। ବଡ଼ବିଲ ପେଲେଟ ପ୍ଲାଂଟ ଏବଂ କାସିଆ ଆଇରନ୍ ଖଣିର ପାରିପାର୍ଶ୍ୱିକ ଗ୍ରାମଗୁଡିକର ସମସ୍ତ ଅଭାବୀ ଲୋକଙ୍କୁ ମାଗଣା ପରାମର୍ଶ ଏବଂ ଚିକିତ୍ସା ସେବା ଯୋଗାଇ ଦିଆଯିବ।ଏହି ଅବସରରେ ଚମ୍ପୁଆ ବିଧାୟିକା ଶ୍ରୀମତୀ ମୀନାକ୍ଷୀ ମହନ୍ତ, ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, କୃଷି ଏବଂ କ୍ରୀଡା ଏବଂ ସଂସ୍କୃତି କ୍ଷେତ୍ରରେ ସିଏସଆର କାର୍ଯ୍ୟକ୍ରମ ପାଇଁ ଜେଏସପିକୁ ପ୍ରଶଂସା କରିଥିଲେ ଏବଂ ବଡ଼ବିଲରେ ଏକ ଗୁଣାତ୍ମକ ଆଧୁନିକ ହସ୍ପିଟାଲର ପଦକ୍ଷେପକୁ ପ୍ରଶଂସା କରିଥିଲେ।ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ବଡ଼ବିଲରେ ଜେଏସପି ଦ୍ୱାରା ଲୋକମାନଙ୍କର ଜୀବନ ଧାରଣ ମୂଲ୍ୟରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ ମୁଖ୍ୟତ ଆଦିବାସୀ ପିଲାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟ ଦିଗରେ ନିଆଯାଉଥିବା ସବୁ ପଦକ୍ଷେପ ପାଇଁ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ ପ୍ରଶଂସା କରିଥିଲେ। ଏହି ଅଂଚଳର ଲୋକଙ୍କୁ ଚିକିତ୍ସା ସେବା ଯୋଗାଇବା ପାଇଁ ଏକ ଆଧୁନିକ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଫାଉଣ୍ଡେସନର ପଦକ୍ଷେପକୁ ସେ ଗଭୀର ପ୍ରଶଂସା କରିଥିଲେ।ଆଶିଷ ପାଣ୍ଡେ, ମୁଖ୍ୟ - ପେଲେଟ ଓ ଆଇରନ୍ ଓର ବିଜିନେସ, ଜେଏସପି ଧନ୍ୟବାଦ ଅର୍ପଣ କରିବା ସହ ବଡ଼ବିଲ, ଜୋଡା ଏବଂ ଚମ୍ପୁଆର ପ୍ରତ୍ୟେକ ବାସିନ୍ଦା ଏବଂ ସରକାରୀ ଅଧିକାରୀଙ୍କ ନିକଟରୁ ଏହି ଡାକ୍ତରଖାନା ନିର୍ମାଣ ଏବଂ ପରିଚାଳନା ପାଇଁ ସହାୟତା ମାଗିଥିଲେ।

## ମହାବାହୁଙ୍କୁ ଦର୍ଶନ କଲେ ଅଭିନେତା ଅରୁଣ ଗୋଭିଲ୍; ରବିବାର "ଶୁନୋ ଶ୍ରୀରାମ କାହାଣୀ" କରିବେ ଶୁଭାରମ୍ଭ






ପୁରୀ,୪।୨(ପି.ଏନ): ଶ୍ରୀମନ୍ଦିର ଯାଇ ମହାବାହୁଙ୍କୁ ଦର୍ଶନ କଲେ ଲୋକପ୍ରିୟ ଟେଲିଭିଜନ କଳାକାର ତଥା ରାମ ଭୂମିକାରେ ଅଭିନୟ କରିଥିବା ଅରୁଣ ଗୋଭିଲ। ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ମା ବିମଳା ଓ ଲକ୍ଷ୍ମୀଙ୍କ ଦର୍ଶନ କରି ଭାବ ବିହ୍ୱଳ ହୋଇଛନ୍ତି। ପ୍ରତି ଘରେ ଯୁବପିଢି ଶ୍ରୀରାମଙ୍କ ଗୁଣ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପିତାମାତା ଗୁରୁଜନଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ସେ ପ୍ରତିକ୍ରିୟା ଦେଇଛନ୍ତି। ସେହିପରି ଅଯୋଧ୍ୟା ରାମ ମନ୍ଦିରକୁ ନେଇ ମଧ୍ୟ ସେ ଟିପ୍ପଣୀ ଦେଇଛନ୍ତି। ରାମମନ୍ଦିର ବହୁତ ପୂର୍ବରୁ ହେବାର ଥିବା କଥା ମଧ୍ୟ ସେ ପ୍ରତିକ୍ରିୟାରେ ଦେଇଛନ୍ତି। ଖବର ଅନୁସାରେ ଦୂରଦର୍ଶନରେ ସର୍ବାଧିକ ଲୋକପ୍ରିୟ ଧାରାବାହିକ ରାମାୟଣରେ ଶ୍ରୀରାମ ଚରିତ୍ରରେ ଅଭିନେତା ଅରୁଣ ଗୋଭିଲ ଅଭିନୟ କରି ସମସ୍ତଙ୍କ ପ୍ରିୟ ସାଜିଥିଲେ। ଆସନ୍ତାକାଲି ଓଡିଶାରେ "ସୁନୋ ଶ୍ରୀରାମ କାହାଣୀ" ବା "ଶୁଣ ଶ୍ରୀରାମ କାହାଣୀ" କାର୍ଯ୍ୟକ୍ରମର ସେ ଶୁଭାରମ୍ଭ କରିବେ। ତାଙ୍କ ସହିତ ପ୍ରାୟ ଚଉଦରୁ ଅଧିକ ନାମୀ ଦାମୀ କଳାକାର ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ଏଥିରେ ରାମାୟଣର ବିଭିନ୍ନ କଥାବସ୍ତୁ ଅଭିନୟ, ସଂଗୀତ ଓ ଚରିତ୍ର ଚିତ୍ରଣ ମାଧ୍ୟମରେ ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି।

## ମନ୍ତ୍ରୀ ନବ କିଶୋର ଦାସ ହତ୍ୟା ମାମଲା : ଅଭିଯୁକ୍ତ ଗୋପାଳର ଚାରିଦିନିଆ ରିମାଣ୍ଡର ଶେଷ ଦିନ

ଝାରସୁଗୁଡ଼ା, ୪।୨(ପି.ଏନ): ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଗୁଳି କରି ହତ୍ୟା ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଂଚ। ମାମଲାରେ ଅଭିଯୁକ୍ତ ଗୋପାଳ ଦାସକୁ ୪ ଦିନିଆ ରିମାଣ୍ଡରେ ନେଇ ପଚରା ଉଚରା ଜାରୀ ରଖିଛି କ୍ରାଇମବ୍ରାଂଚ। ଆଜି ରିମାଣ୍ଡର ଚତୁର୍ଥ ଦିନ ତଥା ଶେଷ ଦିନ। ତେବେ ଅଧିକ ପଚରା ଉଚରା ପାଇଁ ଅଭିଯୁକ୍ତ ଗୋପାଳ ଦାସକୁ ପୁଣି ୪ ଦିନିଆ ରିମାଣ୍ଡରେ ନେଇଛି କ୍ରାଇମବ୍ରାଂଚ। ଫେବୃଆରୀ ୫ରୁ ୮ ତାରିଖ ଯାଏଁ ଏହି ରିମାଣ୍ଡ ସମୟ ମଧ୍ୟରେ କ୍ରାଇମବ୍ରାଂଚ ଅଭିଯୁକ୍ତ ଗୋପାଳ ଠାରୁ ଅଧିକ ତଥ୍ୟ ଉଗାଳିବାକୁ ଚେଷ୍ଟା କରିବ। ପୂର୍ବରୁ ୪ ଦିନିଆ ରିମାଣ୍ଡ ସମୟ ମଧ୍ୟରେ କ୍ରାଇମବ୍ରାଂଚ ଅଭିଯୁକ୍ତ ଗୋପାଳ ନିକଟରୁ ଅନେକ ତଥ୍ୟ ହାସଲ କରିଛି। ଜେରା ବେଳେ ଗୋପାଳ ମନ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିବା ସ୍ୱୀକାର କରିଥିଲେ ସୁଦ୍ଧା ସେ ବୟାନ ବଦଳାଉଥିବା ଜଣାପଡିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡର ଉଦ୍ଦେଶ୍ୟ କ'ଣ ଥିଲା ତାହା ଜାଣିବାକୁ ଚେଷ୍ଟା କରୁଛି କ୍ରାଇମବ୍ରାଂଚ। ଏଡିଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ କ୍ରାଇମବ୍ରାଂଚର ତିନୋଟି ଟିମ୍ ମାମଲାର ତଦନ୍ତ କରୁଛନ୍ତି। ତଦନ୍ତର ତଦାରଖ କରୁଛନ୍ତି ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ଜେ.ପି. ଦାସ। କ୍ରାଇମବ୍ରାଂଚକୁ ତଦନ୍ତରେ ସହାୟତା କରିବା ପାଇଁ ଗତକାଲି ଝାରସୁଗୁଡ଼ାରେ ପହଂଚିଛି ଦିଲ୍ଲୀର ସେଂଟ୍ରାଲ ଫରେନସିକ ସାଇନ୍ସ ଲାବୋରୋଟାରୀ(ସିଏଫଏସଏଲ) ଟିମ୍। ଅଭିଯୁକ୍ତ ଗୋପାଳର ଲେୟାର୍ଡ ଭଏସ ଟେଷ୍ଟ କରାଯିବ। ଗୋପାଳର ସାଇକୋଲୋଜିକାଲ ଆସେସମେଂଟ ଟେଷ୍ଟ ମଧ୍ୟ କରାଯିବ। ଲେୟାର୍ଡ ଭଏସ ଟେଷ୍ଟ ଦ୍ୱାରା ଗୋପାଳ କେତେ ସତ କହୁଛି, କେତେ ମିଛ କହୁଛି ତାହା ଧରାପଡିବ। ଏଥିରେ ଏକ ମେସିନ ଦ୍ୱାରା ଅଭିଯୁକ୍ତର ଭଏସର ଫ୍ରିକ୍ୱେନ୍ସିକୁ ମ୍ୟାଚ କରାଯାଏ। ଯାହାଦ୍ୱାରା କି, ସମ୍ପୃକ୍ତ ବ୍ୟକ୍ତି ମିଛ କହୁଛନ୍ତି କିମ୍ବା ସତ କହୁଛନ୍ତି ତାହା ଜଣାପଡେ। ସେହିପରି ସାଇକୋଲୋଜିକାଲ ଆସେସମେଂଟ ଟେଷ୍ଟରେ ସିଏଫଏସଏଲର ବରିଷ୍ଠ ସାଇଂଟିଫିକ୍ ଅଫିସର ଏବଂ ସାଇକୋଲୋଜିଷ୍ଟ ମାନେ ତାଙ୍କର ମାନସିକ ସ୍ଥିତି ନେଇ ପଚରା ଉଚରା କରିବେ। ଯାହାଦ୍ୱାରା ବର୍ତମାନ ଅଭିଯୁକ୍ତ ଗୋପାଳର ମାନସିକ ସ୍ଥିତି କିଭଳି ରହିଛି ତାହା ସ୍ପଷ୍ଟ ହେବ।

## ରାଉରକେଲା ଲାଲଟାଙ୍କି ଅଂଚଳରେ ଆତଙ୍କ : ଦୁଇ ଯୁବକଙ୍କୁ ନୃଶଂସ ହତ୍ୟା

ରାଉରକେଲା, ୪।୨(ପି.ଏନ): ରାଉରକେଲା ଲାଲଟାଙ୍କି ଅଂଚଳରେ ଦୁଇ ଜଣ ଯୁବକଙ୍କୁ ପଥରରେ ଛେଚି ଏବଂ ଅନ୍ୟ ମାରଣାସ୍ତ୍ରରେ ବାରମ୍ବାର ଆକ୍ରମଣ କରି ହତ୍ୟା କରାଯାଇଛି। ହତ୍ୟା ପରେ ଉଭୟଙ୍କ ଶବକୁ ନିକଟସ୍ଥ ପଡ଼ିଆରେ ଫୋପାଡି ଦେଇ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି। ମୃତକ ଦ୍ୱୟ ହେଲେ ଇନ୍ଦ୍ରଜିତ ସ୍ୱାଇଁ ଓ ସଞ୍ଜୟ ଦାସ। ଉଭୟଙ୍କ ବୟସ ୨୮ରୁ ୩୦ ବର୍ଷ ମଧ୍ୟରେ। ହତ୍ୟାକାଣ୍ଡର କାରଣ ଅଦ୍ୟାବଧି ସ୍ପଷ୍ଟ ହୋଇନଥିବା ବେଳେ ସ୍ଥାନୀୟ ଲୋକଙ୍କ କହିବା କଥା, ସେ ଅଂଚଳରେ ଚାଲିଥିବା ବହୁଳ ପରିମାଣର ଚୋରା ଲୁହା ଓ ମଦ ବ୍ୟବସାୟରେ ଆର୍ଥିକ ନେଣଦେଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇପାରେ। ସୂଚନା ଅନୁଯାୟୀ, ସମ୍ପୃକ୍ତ ଅଂଚଳରେ ଥିବା ଏକ ପରିତ୍ୟକ୍ତ ଘରେ ମୃତ ଦୁଇ ଯୁବକ ଓ ଆକ୍ରମଣକାରୀ ମାନେ କିଛି ସମୟ ପାଇଁ ଥିଲେ। ଆଜି ଅପରାହ୍ନରେ ସେଠାରେ କୌଣସି ଯୁକ୍ତିତର୍କକୁ ନେଇ ଇନ୍ଦ୍ରଜିତ ଓ ସଞ୍ଜୟଙ୍କୁ ହତ୍ୟା କରି ପାଖ ପଡ଼ିଆରେ ମୃତଦେହକୁ ଫୋପାଡ଼ି ଦେଇ ଅଭିଯୁକ୍ତ ମାନେ ଫେରାର୍ ହୋଇଯାଇଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ଅଂଚଳର ବାସିନ୍ଦା ଏସବୁକୁ ଦେଖି ଟାଙ୍ଗରପାଲି ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦୁଇ ଯୁବକଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ଆଣିଥିଲା। ହେଲେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିବା ସହ ମର୍ଗ ହାଉସକୁ ପଠାଇ ଦେଇଥିଲେ। ତେବେ ଏହି ଘଟଣାକୁ ନେଇ ଲାଲଟାଙ୍କି ଓ ସାରନଗରୀ ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଛି। ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରଖିଛି।

## ସାଧାରଣ ଜନତାଙ୍କ ଅବସ୍ଥା କିଭଳି ଥିବ ବୋଲି ପ୍ରଶ୍ନ କଲେ କେନ୍ଦ୍ରମନ୍ତ୍ରୀ




ଭୁବନେଶ୍ୱର,୪।୨(ପି.ଏନ): ଜଣେ ପୁଲିସ୍ ଅଫିସର କ୍ୟାବିନେଟ୍ ମନ୍ତ୍ରୀଙ୍କୁ ହତ୍ୟା କରିଦେବା ରାଜ୍ୟର ଆଇନ୍ ଶୃଙ୍ଖଳା ପାଇଁ ଗମ୍ଭୀର ବିଷୟ। ରାଜ୍ୟ ସରକାର ଏହା ଉପରେ ଧ୍ୟାନ ଦେବା ଦରକାର। ପୁଲିସ୍ ଓ ମନ୍ତ୍ରୀଙ୍କ ମଧ୍ୟରେ ଯଦି ଏପରି ସ୍ଥିତି ସୃଷ୍ଟି ହୋଇଛି, ତା'ହେଲେ ସାଧାରଣ ଜନତାଙ୍କ ଅବସ୍ଥା କିଭଳି ଥିବ ସାଧାରଣ ଜନତାଙ୍କ ଆଗରେ ପୁଲିସ୍‌ର ସ୍ଥିତି କ'ଣ ରହିବ ସାଧାରଣ ଲୋକ କାହା ଉପରେ ବିଶ୍ୱାସ କରିବେ ତେଣୁ କୌଣସି ସ୍ୱାଧୀନ ତଦନ୍ତକାରୀ ସଂସ୍ଥା ଦ୍ୱାରା ଘଟଣାର ତଦନ୍ତ କରାଯାଇ ସତ୍ୟା ସତ୍ୟା ସାମ୍ନାକୁ ଅଣାଯାଉ ବୋଲି କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ନବ ଦାସଙ୍କ ହତ୍ୟା ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଏଡିଜି ଅରୁଣ ବୋଥ୍ରା ଆଜି ଜଷ୍ଟିସ ଜେ.ପି. ଦାସଙ୍କୁ ଭେଟିଛନ୍ତି। ଏହା ପରେ ଜଷ୍ଟିସ୍ ? ଦାସ କହିଛନ୍ତି, ମୋତେ ତଦନ୍ତର ତତ୍ତ୍ୱାବଧାନ କରିବାକୁ କୁହାଯାଇଛି। ତଦନ୍ତ ସଂପର୍କରେ ବୁଝିଲି। ଆଉ କିଛି କରିବାକୁ ପରାମର୍ଶ ଦେଇଛି। ଘଟଣା ସ୍ଥଳକୁ ନିଶ୍ଚିତ ଯିବି। କେବେ ଯିବି ସ୍ଥିର କରିନି। ତଦନ୍ତ ଠିକ୍ ? ଢଙ୍ଗରେ ଚାଲିଛି। ଆଶା କରିବା ନିର୍ଯାସରେ ପହଞ୍ଚିବ ବୋଲି ଜଷ୍ଟିସ୍ ଦାସ କହିଛନ୍ତି।

## ପରୀକ୍ଷା ଚାଲିଥିବା ବେଳେ କଲେଜ ପଡିଆରେ ବିଜେଡି କଲା ସମାବେଶ



ଭୁବନେଶ୍ୱର,୪।୨(ପି.ଏନ): କଲେଜ ଲାବୋରେଟାରୀରେ ପରୀକ୍ଷା ଦେଉଥିଲେ ଛାତ୍ରଛାତ୍ରୀ। ଠିକ୍ ସେହି ସମୟରେ କଲେଜ ଖେଳ ପଡିଆରେ ଚାଲିଥିଲା ବିଜେଡି ପ୍ରତିଷ୍ଠା ଦିବସ। ମାଇକ୍‌ର ଭୟଙ୍କର ଶବ୍ଦ ଯୋଗୁ ପରୀକ୍ଷାରେ ବ୍ୟାଘାତ ହୋଇଥିବା ନେଇ ବିଧାୟକଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇନଥିଲେ। ଖାଲି ମୁରୁକି ହସି ଚାଲି ଯାଇଥିଲେ। ଶୁକ୍ରବାର ଗଞ୍ଜାମ ଜିଲ୍ଲାରୁ ଆସିଛି ଏପରି ଖବର।ଖଲ୍ଲିକୋଟ୍ ରାମଚନ୍ଦ୍ର ମର୍ଦ୍ଦରାଜ ବିଜ୍ଞାନ ମହାବିଦ୍ୟାଳୟରେ ଶୁକ୍ରବାର ଚାଲିଥିଲା ପ୍ରାକ୍ଟିକାଲ୍ ପରୀକ୍ଷା। ଯୁକ୍ତ ଦୁଇ ଛାତ୍ରଛାତ୍ରୀମାନେ ଲାବ୍‌ରେ ପରୀକ୍ଷା ଦେଉଥିଲେ। ସକାଳ ୧୦ରୁ ଆରମ୍ଭ ହୋଇଥିଲା ପରୀକ୍ଷା। ଠିକ୍ ସେହି ସମୟରେ କଲେଜ ପଡିଆରେ ଚାଲିଥିଲା ବିଜେଡି ପ୍ରତିଷ୍ଠା ଦିବସ। ଆଉ ସେହି ସମାବେଶରେ ଅତିଥି ଭାବେ ରାଜ୍ୟ ଶ୍ରମ ମନ୍ତ୍ରୀ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସ୍ଥାନୀୟ ବିଧାୟକ ସୂର୍ଯ୍ୟମଣୀ ବୈଦ୍ୟ ଓ ଜିଲ୍ଲାର ପ୍ରତିଷ୍ଠିତ ରାଜନେତାମାନେ ଯୋଗଦେଇଥିଲେ। ଏହାଛଡା ଶହ ଶହ ବିଜେଡି ସମର୍ଥକ ମଧ୍ୟ ସମାବେଶକୁ ଆସିଥିଲେ।

## ରାଜ୍ୟର ଚାଷୀ ଧାନବିକ୍ରୀର ପ୍ରାପ୍ୟ ପାଇବେ ନା ନାହିଁ ?

ଭୁବନେଶ୍ୱର ୪।୨(ପି.ଏନ):- ଓଡ଼ିଶା ସରକାର ୨୦୨୨-୨୩ କୃଷି ବର୍ଷରେ ୭୧ ଲକ୍ଷ ମେଟ୍ରିକ୍ ଟନ୍‌ର ଧାନ କିଣିବା ପାଇଁ ନିଷ୍ପତି ନେଲେ। ଖରିଫ ଋତୁରେ ୫୭ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯିବ ଏବଂ ୧୪ ଲକ୍ଷ ଟନ୍ ରବି ଋତୁରେ ରାଜ୍ୟର ଚାଷୀମାନଙ୍କ ଠାରୁ କିଣାଯିବା ପାଇଁ ସରକାର ନିଷ୍ପତି ନେଲେ ଏବଂ ଅକ୍ଟୋବର ୧,୨୦୨୨ ରୁ ଖରିଫ ଋତୁ ପାଇଁ ଧାନ ସଂଗ୍ରହ କରିବା / କିଣିବା ପାଇଁ ଘୋଷଣା ହେଲା। ମାସ ଶେଷ ପର୍ଯ୍ୟନ୍ତ ଖରିଫ ଋତୁର ଅବଧି। କିନ୍ତୁ ସାରା ରାଜ୍ୟରେ ଜାନୁୟାରୀ ୧୧ ତାରିଖ ଠାରୁ ଯେଉଁ ଚାଷୀମାନଙ୍କ ନିକଟରୁ ଧାନ କିଣାଯାଇଛି ସେମାନଙ୍କ ଆକାଉଂକୁ ଆଜି ପର୍ଯ୍ୟନ୍ତ ଟଙ୍କା ଟ୍ରାନ୍ସ୍‌ଫର କରାଯାଇନାହିଁ। ରାଜ୍ୟ ସରକାର ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ଧାନ କିଣିବାର ୪୮ ଘଂଟା ମଧ୍ୟରେ ଚାଷୀଙ୍କ ଖାତାକୁ ଟଙ୍କା ସିଧାସଳଖ ଟ୍ରାନ୍ସ୍‌ଫର ହେବ। କିନ୍ତୁ ପାଖାପାଖି ୨୪ ଦିନ ବିତିଗଲା ପରେ ମଧ୍ୟ ବିକ୍ରେତାଙ୍କ ଖାତାକୁ ଟଙ୍କା ଗଲା ନାହିଁ। ରାଜ୍ୟ ସରକାର ଚାଷୀଙ୍କୁ ସଂପୂର୍ଣ୍ଣ ଅବହେଳା କରିବା ଏହା ତା'ର ସ୍ପଷ୍ଟ ଏବଂ ଜ୍ୱଳନ୍ତ ପ୍ରମାଣ। କେନ୍ଦ୍ର ସରକାର ଏ ବାବଦରେ ଏ ପର୍ଯ୍ୟନ୍ତ ଅର୍ଥ ଯୋଗାଇ ନାହାନ୍ତି ବୋଲି ରାଜ୍ୟ ସରକାରଙ୍କ ଅଧିକାରୀମାନେ କହୁଛନ୍ତି। ଚାଷୀମାନେ କେନ୍ଦ୍ର ସରକାରଙ୍କୁ କ'ଣ ଧାନ ବିକ୍ରି କରିଥିଲେ କି ? ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସାରା ରାଜ୍ୟର ପାଖାପାଖି ୪ ଲକ୍ଷରୁ ଅଧିକ ଚାଷୀଙ୍କ ଖାତାକୁ ପଇସା ଯାଇନାହିଁ। ଚାଷୀ ମଣ୍ଡିରେ ଥିବା ଅଧିକାରୀ ତଥା ଜିଲ୍ଲାର ସି.ଏସ୍.ଓ.ଙ୍କୁ ଭେଟି ଏକଥା ଜଣାଇଲେ ମଧ୍ୟ ସି.ଏସ୍.ଓ., ଜିଲ୍ଲାପାଳ, ଖୋଦ ବିଭାଗୀୟ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରେ ସ୍ପଷ୍ଟୀକରଣ ଏ ସଂପର୍କରେ ଦେଉନାହାନ୍ତି। ଆଜି ଚାଷୀ ସନ୍ଦିହାନ ତାଙ୍କ ଧାନ ପ୍ରାପ୍ୟ କେବେ ମିଳିବ ? ସେମାନେ ବହୁ ଆର୍ଥିକ ଅନାଟନ ଓ ଦୁର୍ଦ୍ଦଶା ଦେଇ ଚାଷୀ ପରିବାର ଗତି କରୁଛି। ବିଶ୍ୱକପ୍ ହକି ଆୟୋଜନରେ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି କାନ୍ଥବାଡ଼ରେ ଚିତ୍ର ଆଙ୍କିବା, ଆଲୋକ ଲଗାଯାଉଥିବାବେଳେ ସରକାର ଚାଷୀଙ୍କୁ ପ୍ରାପ୍ୟ ଦେଉନାହିଁ। ଏଣୁ ମୁଖ୍ୟମନ୍ତ୍ରୀଙ୍କର ଚାଷୀଙ୍କୁ କେତେ ଭଲ ପାଇବା ତାହା ସ୍ପଷ୍ଟ ଅନୁମେୟ।ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମୀୟ କୁମାର ପଟ୍ଟନାୟକ କହିଥିଲେ ଯେ, ଧାନ କିଣିବା ପୂର୍ବରୁ ରାଜ୍ୟ ସରକାର ଅର୍ଥର ବ୍ୟବସ୍ଥା କରିଥାନ୍ତି। ଏପରିକି ବ୍ୟାଙ୍କମାନଙ୍କରୁ ମଧ୍ୟ ଅର୍ଥ ବ୍ୟବସ୍ଥା କରିଥାନ୍ତି। ଯଦି ବ୍ୟବସ୍ଥା କରାଯାଇନଥିଲା ତାହେଲେ ଧାନ କିଣାର ଲକ୍ଷ କାହିଁକି ଧାର୍ଯ୍ୟ କରାଗଲା ଓ କିଏ ଏବାବଦରେ ନିଷ୍ପତି କଲେ ? ମୁଖ୍ୟମନ୍ତ୍ରୀ ଏଭଳି ସଂଗୀନ ସ୍ଥିତିକୁ ଜାଣିଛନ୍ତି କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ। ପ୍ରଦେଶ କଂଗ୍ରେସ ଦାବୀ କରିଛି, ସରକାର ଆସନ୍ତା ୭ ଦିନ ଭିତରେ ସମସ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ତୁରନ୍ତ ଟଙ୍କା ପଠାନ୍ତୁ। ଯଦି ଏହା କରାନଯାଏ, ତେବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ କଂଗ୍ରେସ ଦଳର ପକ୍ଷରୁ ପ୍ରତ୍ୟେକ ଜିଲ୍ଲାର ସି.ଏସ୍.ଓ. ଅଫିସ ଘେରାଉ କରାଯିବ ବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସୁବାଷ ରାଉତ ଉପସ୍ଥିତ ଥିଲେ।

## ଘରୋଇ ବିଦ୍ୟାଳୟରେ ବିସ୍ଫୋରଣ ଘଟଣା : ତଦନ୍ତ ସହ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀ କଲା ଏବିଭିପି

କନ୍ଧମାଳ, ୪।୨(ପି.ଏନ): ବାଲିଗୁଡାରେ ଘରୋଇ ଶିକ୍ଷାନୁଷ୍ଠାନ ସେଂଟ ଜାଭିୟର୍ସ ବିଦ୍ୟାଳୟରେ ଘଟିଥିବା ବିସ୍ଫୋରଣ ଘଟଣାରେ ଆଜି ଏବିଭିପି ତରଫରୁ ଜିଲ୍ଲାପାଳଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି। ବିସ୍ଫୋରଣରେ ଗୁରୁତର ଆହତ ହୋଇ କଟକ ଏସସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଜୋସ ନାୟକଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରନ୍ତୁ, ବିସ୍ଫୋରଣରେ ଠିକା ସଂସ୍ଥା ଆରକେଡିର ଅବହେଳା ଖବର ସାମ୍ନାକୁ ଆସୁଛି, ତେଣୁ ସେହି ଠିକା ସଂସ୍ଥା ବିରୁଦ୍ଧରେ ସରକାର କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ, ଏହି ଘଟଣାରେ ସମ୍ପୃକ୍ତ ବିଦ୍ୟାଳୟର ଅବହେଳା ମଧ୍ୟ ରହିଛି, ତେଣୁ ସେହି ବିଦ୍ୟାଳୟ କର୍ତୃପକ୍ଷଙ୍କ ବିରୁଦ୍ଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଏବିଭିପି ଦାବୀ କରିଛି।

ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରମୁଖ ଶିବାଶିଷ ପଣ୍ଡା, ରାଜ୍ୟ ସହ ସମ୍ପାଦିକା ସୁଶ୍ରୀ ସଞ୍ଜନା କହଁର, ଜିଲ୍ଲା ସଂଯୋଜକ ରୁଦ୍ରପ୍ରସାଦ ସେଠି, ରାଜବୀର ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିହାର କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିହାରର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟ ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। ‘ବିବି ହୋ ୟୌସି’ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ ‘ବଜରଙ୍ଗୀ ଭାଇଜାନ୍’ ଓ ‘ପ୍ରେମରତନ ଧନ ପାୟୋ’ ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ



ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା ‘ବିଶ୍ୱକର୍ମା’

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିନ୍ଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।



ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୁମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ



ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା’ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଭଳି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ “ଦି ଇଣ୍ଟରଭ୍ୟୁ ଟାଇମ୍ସ” ପରିବାର ତରଫରୁ ସମ୍ମାନଜନକ “ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି” ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ସ୍ୱତନ୍ତ୍ର ସଂଖ୍ୟା “ଭିଜନ୍ ଅଫ୍ ଓଡ଼ିଶା-୨୦୧୯” ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ “ଦି ଇଣ୍ଟରଭ୍ୟୁ ଟାଇମ୍ସ”ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ




ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ତେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ଼ କରିଥାଏ ଗଣମାଧ୍ୟମ

ଖୋର୍ଦ୍ଧା (ପିଏନ୍): ଗଣତନ୍ତ୍ରର ସୁରମ୍ୟ ସୌଧକୁ ସୁଦୃଢ଼ ଓ ସୁରକ୍ଷିତ କରି ରଖିବାରେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି "ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ" ଖୋର୍ଦ୍ଧା ଆନୁକୂଲ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସଭାପତିତ୍ୱ କରି 'ମାର୍ଗଦର୍ଶୀ'ର ସମ୍ପାଦକ ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କହିଥିଲେ। ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ପ୍ରତିଷ୍ଠାତା ରାମଶଙ୍କର ତାଙ୍କ ସ୍ୱାଗତ ଭାଷଣରେ ଆଲୋଚନାର ବିଷୟ ବସ୍ତୁ 'ଗଣମାଧ୍ୟମରେ ପ୍ରକାଶିତ ଜନସମସ୍ୟାର ଜନସାଧାରଣ, ସରକାର, ପ୍ରଶାସନ ତଥା ଜନପ୍ରତିନିଧିଙ୍କ ଉପରେ କି ପ୍ରଭାବ ପଡୁଛି ଏବଂ ତାହା କେତେଦୁର କାର୍ଯ୍ୟକାରୀ ହେବାସହ ଜନସମାସ୍ୟାର ସମାଧାନ ହେଉଛି ବୋଲି ଏକ ମାର୍ମିକ ପ୍ରଶ୍ନ ରଖିଥିଲେ। ଏହି ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇ ବି.ଡି.ଏ.ର ପ୍ରାକ୍ତନ କମିଶନର ଦେବରାଜ ସେନାପତି ନିଜର ବକ୍ତବ୍ୟରେ କହିଥିଲେ ଗଣମାଧ୍ୟମରେ ପ୍ରକାଶିତ ଖବରର ପ୍ରଭାବ ନିଶ୍ଚୟ ପଡୁଛି ମାତ୍ର ତାହା ଅନେକାଂଶରେ ହ୍ରାସ ପାଇଛି। ବିଶିଷ୍ଟ ଶିକ୍ଷାବିତ୍ ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ପ୍ରଫେସର ଡକ୍ଟର ନାରାୟଣ ରାଓ ନିଜ ବକ୍ତବ୍ୟରେ କହିଥିଲେ ସାମ୍ବାଦିକତା ହିଁ ଏକମାତ୍ର ଅସ୍ତ୍ର ଯାହା ସମାଜରେ ସଂସ୍କାର ଆଣିବା ପାଇଁ ସକ୍ଷମ। ଓକିଲ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର ସରକାରଙ୍କର ଅପାରଗତା ଓ ଜନପ୍ରତିନିଧିମାନଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଥିଲେ। ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର କହିଥିଲେ ନିର୍ଦ୍ଦିଷ୍ଟ ସଂସ୍ଥାର ମାଲିକ ମାନଙ୍କର ସରକାରଙ୍କ ସହ ମଧୁଚନ୍ଦ୍ରିକା ଯୋଗୁ ଆଜି ଗଣମାଧ୍ୟମ ବିପନ୍ନ। ଏହି ଆଲୋଚନାଚକ୍ରରେ 'ସମାଜ' ପ୍ରତିନିଧି ରାମନାରାୟଣ ଦାଶ କହିଥିଲେ ଆଜି ଖବରକାଗଜ ବିଜ୍ଞାପନସର୍ବସ୍ୱ ହୋଇଯାଇଛି। ଏହାସତ୍ତ୍ୱେ ଗଣମାଧ୍ୟମରେ ପ୍ରସାରିତ ସକାରାତ୍ମକ ଖବରର ପ୍ରଭାବ ନିଶ୍ଚୟ ରହିଛି। ନାଚୁଣୀର ସମ୍ବାଦ ପ୍ରତିନିଧି ପ୍ରଦୋଶ ଦାସ କହିଥିଲେ ସକାରାତ୍ମକ ଖବର ପରିବେଷଣ ପାଇଁ ପ୍ରତ୍ୟେକ ସାମ୍ବାଦିକ ଯତ୍ନବାନ ହେବା ଦରକାର। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ରାଜକିଶୋର ପାଣିଗ୍ରାହୀ, ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୁଧୀର ମାନସିଂ, ରାଜଧାନୀ ଆଇନ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବୃନ୍ଦାବନ ପଣ୍ଡା , ବରିଷ୍ଠ ନାଗରିକ ମଂଚର ଉପସଭାପତି ବୈକୁଂଠ ମହାପାତ୍ର, ସାମ୍ବାଦିକ ଦିଲ୍ଲିପ ପଟ୍ଟନାୟକ, ଡିଏସଓର ସମ୍ପାଦକ ଜୟନ୍ତ ମହାନ୍ତି, ଅଧିବକ୍ତା ବସନ୍ତ ଦାସ, ଆମରି ସତ୍ୟର ପ୍ରତିଷ୍ଠାତା ଡକ୍ଟର ପ୍ରମୋଦଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାମ୍ବାଦିକ ପ୍ରଦୋଷ ଦାସଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ପ୍ରତିଷ୍ଠାତା ରାମଶଙ୍କର ଖୋର୍ଦ୍ଧା ପୌର ପରିଷଦ ଦ୍ୱାରା ଖୋରଧାବାସୀଙ୍କୁ ମୌଳିକ ସୁବିଧା ଯୋଗାଇଦେବା ଦାବୀରେ ଜନତାଙ୍କ ସ୍ୱର ଉତ୍ତୋଳନ ପାଇଁ ଦଳମତ ନିର୍ବିଶେଷରେ ଏକଜୁଟ ହେବାପାଇଁ ଆହ୍ୱାନ ଦେବାସହ ଧନ୍ୟବାଦ ପ୍ରଦାନ କରିଥିଲେ।

# ବକେୟା ରାସନ ସାମଗ୍ରୀ ଦେବାକୁ ଦାବି



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଏଣ୍ଡଲବା ପଞ୍ଚାୟତ ପାଟପୁର ଗାଁର ୪ ପରିବାରକୁ ବକେୟା ରାସନ ସାମଗ୍ରୀ ଦେବାକୁ ଦାବି ହୋଇଛି । ରାଜୀବ ଚରଣ ବେହେରା, ଘନଶ୍ୟାମ ବେହେରା, ବାଲୁଙ୍କେଶ୍ୱର ପ୍ରଧାନ ଓ କଣ୍ଢେଇ ବେହେରା ଜାରକାସ୍ଥିତ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନୂତନ ଭାବେ ଯୋଗ ଦେଇଥିବା ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରକାଶ ଯେ, ପାଟପୁର ଗାଁର ରାଜୀବଙ୍କ ପତ୍ନୀ କନକ ବେହେରାଙ୍କ ନାଁରେ ଥିବା ରାସନ କାର୍ଡ଼ରେ ତାଙ୍କ ପରିବାରର ୪ ଜଣଙ୍କୁ ରାସନ ସାମଗ୍ରୀ ମିଳୁଥିଲା । ତେବେ ରାଜନୈତିକ ଆକ୍ରୋଶରୁ ୨୦୧୭ ଅଗଷ୍ଟ ମାସରୁ ସେମାନଙ୍କ ରାସନ ହଠାତ୍ ବନ୍ଦ କରି ଦିଆଯାଇଥିଲା । ଏହାକୁ ନେଇ ବାଦବିବାଦ ଓ କୋର୍ଟରେ ମାମଲା ହେବାପରେ ୨୦୧୮ ଜୁଲାଇ ମାସରେ ଏହି ପରିବାରକୁ ପୁଣି ରାସନ ସାମଗ୍ରୀ ଦିଆ ଯାଇଥିଲା । ଏହି ସମୟ ମଧ୍ୟରେ କନକଙ୍କ ପରିବାର ୧୧ ମାସର ରାସନ ପାଇନଥିଲେ । ଏହା ସତ୍ତ୍ୱେ ୨୦୧୯ ନଭେମ୍ବର ମାସରେ ଉକ୍ତ ପରିବାରର ରାସନ ପୁଣି ବନ୍ଦ ହୋଇଗଲା । ୧୫ ମାସ ରାସନ ପାଇବା ପରେ ପୁନର୍ବାର ବନ୍ଦ ହୋଇଯିବାକୁ ନେଇ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉପରେ ଅଙ୍ଗୁଳି ଉଠାଇଥିଲେ ହିତାଧିକାରୀ କନକଙ୍କ ପରିବାର । ଖୋଲତାଡ଼ ହେବାପରେ ୨୦୨୦ ମଇ ମାସରେ ପୁଣି ରାସନ ଦିଆଯାଇଥିଲା । ଏହି ସମୟ ମଧ୍ୟରେ ଆଉ ୬ ମାସର ରାସନ ମିଳିନଥିଲା । ଦୁଇଟି ପର୍ଯ୍ୟାୟରେ ୧୭ ମାସର ରାସନ ମିଳିନଥିଲା କନକଙ୍କ ପରିବାରକୁ । ଏ ନେଇ କନକଙ୍କ ସ୍ୱାମୀ, ଦୁଇପୁଅ ବିଷ୍ଣୁ ଓ ଆନନ୍ଦ ବାରମ୍ବାର ଡିଲର, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଓ ଯୋଗାଣ ନିରୀକ୍ଷକଙ୍କୁ ବାରମ୍ବାର ଅବଗତ କରୁଥିଲେ ମଧ୍ୟ ଅଢ଼େଇ ବର୍ଷ ହେଲା ରାସନ ସାମଗ୍ରୀ ମିଳୁନାହିଁ । ସେହିପରି ଏହି ଗ୍ରାମର ରୁଲତା ବେହେରାଙ୍କ ପରିବାରର ୫ ଜଣ ସଦସ୍ୟଙ୍କୁ ୧୩ ମାସର ରାସନ ମିଳିନଥିବା ତାଙ୍କ ସ୍ୱାମୀ ଘନଶ୍ୟାମ ଅଭିଯୋଗ କରିଛନ୍ତି । ଏଥିସହ ନୀଳେନ୍ଦ୍ର ପ୍ରଧାନଙ୍କ ପରିବାରର ୪ଜଣ ସଦସ୍ୟ ୬ ମାସର ରାସନ ପାଇ ନଥିବା ତାଙ୍କ ସ୍ୱାମୀ ବାଲୁଙ୍କେଶ୍ୱର ସୂଚନା ଦେଇଛନ୍ତି । ସେମିତି କଣ୍ଢେଇ ବେହେରାଙ୍କ ପରିବାରର ୬ଜଣ ସଦସ୍ୟଙ୍କ ମଧ୍ୟରୁ ୩ଜଣଙ୍କ ରାସନ ସାମଗ୍ରୀ ୨୦୧୯ରୁ ବନ୍ଦ ହୋଇ ଯାଇଥିବା କୁହାଯାଇଛି । ତୁରନ୍ତ ସଂପୃକ୍ତ ୪ ପରିବାରକୁ ବକେୟା ରାସନ ସାମଗ୍ରୀ ପ୍ରଦାନ କରିବାକୁ ନୂତନ ବିଡ଼ିଓ ଓ ଯୋଗାଣ ନିରୀକ୍ଷକଙ୍କ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

ବାଲେଶ୍ୱର (ପିଏନ୍)-ବିଜୁ ଜନତା ଦଳ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିନ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୁପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦିନକୁ ସେବା ଦିବସ ରୂପେ ପାଳନ କରାଯାଇଛି। ସକାଳ ୭ ଘଟିକାରେ ଝାଡ଼େଶ୍ୱର ମନ୍ଦିରରେ ୧୦୮ ଜଳାଭିଷେକ କରାଯାଇ ନବୀନବାବୁଙ୍କ ପାଇଁ ସାମୂହିକ ପୂଜାର୍ଚ୍ଚନା କରାଯିବା ପରେ କଚେରୀ ହତାକୁ ବିଜୁ ଜନତା ଦଳର କର୍ମୀ ମାନେ ସଫେଇ କରିଥିଲେ। ଏହାପରେ ମିସନ ପଡ଼ିଆରେ ଥିବା ଖ୍ରୀଷ୍ଟିଆନ ହାଇସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏଥିସହିତ ରେମୁଣା ଗୋଲାଇ ସ୍ଥିତ ଗୁରୁଦ୍ୱାରରେ ପୂଜାର୍ଚ୍ଚନା କରାଯିବା ସହ ବାଲେଶ୍ୱର ରାଣୀପାଟଣାରେ ଥିବା ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ଅନ୍ତେବାସୀଙ୍କ ସହ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନକୁ କେକ୍ କାଟି ପାଳନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାପରେ ସୁନହଟରେ ଥିବା ଭୁଜାଖିଆ ପୀରବାବା ଏବଂ କେଥଲିକ ଚର୍ଚ୍ଚରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସଦର ବିଧାୟକଙ୍କ ସହ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ଟାଉନ ସଭାପତି ସନତ ଦାସ, ବରିଷ୍ଠ ନେତା ରଂଜନ ବାଗ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗଉରୀ ରାଉତ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ସୁଭେନ୍ଦୁ ମଙ୍ଗରାଜ, ରାଜ୍ୟ ମହିଳା ସଂପାଦିକା ଦୀପାରାଣୀ ସାହୁ, ରାଜ୍ୟ ଯୁଗ୍ମ ସଂପାଦକ ସତ୍ୟରଞ୍ଜନ ଦାସ, ବରିଷ୍ଠ ନେତା ଯଯାତୀ ଦାସ, କାଉନସିଲର ମୀତା ପଟ୍ଟନାୟକ, କବିତା ମୁର୍ମୁ, ମୀରାଜ ବାନୋ, ପ୍ରତିଲତା ସେଠୀ, ରାଧାକୃଷ୍ଣ ଦାସ, ସନ୍ଧ୍ୟାରାଣୀ ଜେନା, ଅର୍ପିତା ପ୍ରିୟଦର୍ଶନୀ, ଶଶିରେଖା ମହାନ୍ତି, ସେକ୍ ଆୟୁବ, ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନସିଲର ବିଶ୍ୱଜିତ୍ ମହାପାତ୍ର, ସାକିର ଖାନ୍, ସଞ୍ଜୟ ବେହେରା, ସେକ୍ ରାଜୁ, ଧନଞ୍ଜୟ ଜେନା, ଜୋନାଲ ଯୁବ ସାଧାରଣ ସଂପାଦକ ଧିରେନ ନାୟକ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ୍ ଅନସର, ଟାଉନ ଯୁବ ସଭାପତି ଉମାଶଂକର ତିଆଡ଼ି ଓ ଛାତ୍ରନେତା ବିଭୁଦତ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ୱାର୍ଡ ସଭ୍ୟସଭ୍ୟାଙ୍କ ପ୍ରଶିକ୍ଷଣ ଶିବିର



ଧର୍ମଶାଳା (ପିଏନ୍): ୱାର୍ଡ ସଭ୍ୟା/ସଭ୍ୟମାନେ ହେଉଛନ୍ତି ପଂଚାୟତିରାଜ ବ୍ୟବସ୍ଥାର ତୃଣମୂଳ ପ୍ରତିନିଧି। ସେମାନଙ୍କର ସକ୍ରିୟ ଯୋଗଦାନ ଯୋଗୁ ପଂଚାୟତିରାଜ ବ୍ୟବସ୍ଥା ସଶକ୍ତ ହୋଇଥାଏ । ୱାର୍ଡ/ସଭ୍ୟ/ସଭ୍ୟାମାନଙ୍କ ଦକ୍ଷତା ବୃଦ୍ଧିକୁ ଲକ୍ଷ୍ୟ କରି ରାଜ୍ୟ ଗ୍ରାମଉନ୍ନୟନ, ପଂଚାୟତିରାଜ, ଜିଲ୍ଲାପରିଷଦ ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପଲ୍ଲିଶ୍ରୀର ମିଳିତ ଉଦ୍ୟମରେ ନବନିର୍ବାଚିତ ୱାର୍ଡ ସଭ୍ୟମାନଙ୍କୁ ନେଇ ଏକ ତିନିଦିନିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଧର୍ମଶାଳା ବ୍ଲକର ଜାରକା, କୁମାରୀ, ଚହଟା ଓ ସୁନ୍ଦୁରିଆ ଗ୍ରାମପଂଚାୟତର ୪୩ ଜଣ ସଭ୍ୟ/ସଭ୍ୟା ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ। ଜାରକାସ୍ଥିତ ପ୍ରୟାଗ ମଣ୍ଡପରେ ଆୟୋଜିତ ଏହି ଶିବିରକୁ ଧର୍ମଶାଳା ପଂଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ । ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ଧଳ, ଏବିଡିଓ ଅସିତ କୁମାର ପାତ୍ର, ଏପିଓ ପ୍ରଜ୍ଞାପରମିତା ସାମଲ, ତାଲିମଦାତା ଦେବଦତ ସାହୁ, ପବିତ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ ୫-ଟି ଓ ମୋ ସରକାର ପ୍ରୟାସ ଜରିଆରେ ପଂଚାୟତିରାଜ ବ୍ୟବସ୍ଥା ସମ୍ଭବ ବୋଲି କହିଥିଲେ । ପଲ୍ଲିଶ୍ରୀର ସମ୍ପାଦକ ଶତ୍ରୁଘ୍ନ ସାହୁ, ସଂଯୋଜକ ଅଭିଷେକ ପଣ୍ଡା ଓ ସୁନାକର ସାହୁ ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ । ପର୍ଯ୍ୟାୟକ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳିର ୬୩୭ ୱାର୍ଡସଭ୍ୟ/ସଭ୍ୟାମାନଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ପଲ୍ଲିଶ୍ରୀ ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

# ବାଇଶି ପାହାଚେ ପିଣ୍ଡଦାନର ତାତ୍ପର୍ଯ୍ୟ



ବାଇଶି ପାହାଚ କହିଲେ ଶ୍ରୀମନ୍ଦିରର ସିଂହଦ୍ୱାରସ୍ଥ ମୂଳଶାଳାର ମେଘନାଦ ପାଚେରୀ ଠାରୁ ଦ୍ୱିତୀୟ ବେଢ଼ା ଅର୍ଥାତ୍ କୂର୍ମବେଢ଼ାଯାଏଁ ପାହାଚ ଶ୍ରେଣୀକୁ ବୁଝାଏ। ବାସ୍ତବିକ୍ ଏମିତି ଗଣନାରେ ପୂର୍ବରୁ ପଶ୍ଚିମକୁ କୂର୍ମ ବେଢ଼ାଯାଏ ମାତ୍ର କୋଡ଼ିଏ ଗୋଟି ପାହାଚ ଅଛି। ବାକି ଦୁଇଟି ପାହାଚରୁ ଗୋଟିଏ ପାହାଚ ଆନନ୍ଦ ବଜାରକୁ ଏବଂ ଅନ୍ୟଟି ରୋଷେଇ ଶାଳକୁ। ଏମିତିରେ ଏମାନେ ବାଇଶି।।

କେତେକ ମତ ସାବ୍ୟସ୍ତ କରନ୍ତି ଯେ ମୂଳମନ୍ଦିରର କୂର୍ମବେଢ଼ାରେ ବାହାରେ ଥିବାରୁ ଏହାର ନାମଥିଲା ବହିଃସ୍ଥ ପାବଛ। ଏହାପରେ ଅପଭ୍ରଂଶ ହୋଇ 'ବହିଃସ୍ଥରୁ ବାଇଶି ଓ ପାବଛରୁ ପାହାଚ' ହୋଇଛି। ଯେଉଁମାନେ ଯୁକ୍ତି ଦର୍ଶାଇ କୁହନ୍ତି ଯେ ଏହା ମିଥ୍ୟା ବାଇଶି ହିଁ ସତ୍ୟ, ସେମାନେ କୁହନ୍ତି ଯେ କେତେକ ବିଷୟବସ୍ତୁକୁ ଆଧାରକରି ଏହା ବାଇଶି। ଯେମିତି ୨୨ ଅଧିଷ୍ଠାତ୍ରୀ ଦେବୀମାନଙ୍କୁ ନେଇ ଏହା ବାଇଶି ଯଥା - ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କ୍ରାନ୍ତି, ବୃତ୍ତି, ସ୍ଥିତି, ଦୟା, ତୁଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା ଇତ୍ୟାଦି ସମାହାରର ପ୍ରତୀକ ବାଇଶି। ଆଉ କାହା ମତରେ ଏହା ଚୁତର୍ଦଶ ଭୁବନ ଓ ଅଷ୍ଟବୈକୁଣ୍ଠର ସମାହାରକୁ ପ୍ରତିନିଧିତ୍ୱ କରନ୍ତି; ଆଉ କେହି କୁହନ୍ତି ଯେ ଏହା ଭାଗବତର ଦ୍ୱାଦଶ ସ୍କନ୍ଦ ସହ ଦଶତତ୍ତ୍ୱ ଯଥା ବାସୁଦେବ, ନୃସିଂହ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଗୋବିନ୍ଦ, ନାରାୟଣ, ମଦନମୋହନ, ବିମଳା ଓ ଭୁବନେଶ୍ୱରୀଙ୍କ ସମାହାରର ପ୍ରତୀକ; କେହିବି ଯୁକ୍ତି ରଖନ୍ତି ଯେ ଏହା ପଞ୍ଚରନ୍, ଅଷ୍ଟସାତ୍ତ୍ୱିକ ଭାବ, ତ୍ରୀବୀଜ, ତ୍ରିଶକ୍ତି, ତ୍ରିଗୁଣର ସମାହାର ଅଟନ୍ତି; ପୁନଶ୍ଚ ଯୁକ୍ତି ଯେ କୃଷ୍ଣଚନ୍ଦ୍ର ସୁଆରଶ୍ରେଣୀ ୨୨ହେତୁ ତାଙ୍କୁ ପ୍ରତିନିଧିତ୍ୱ କରେ ୨୨ ପାହାଚ; ଏମିତିରେ ୨୨ଟି ବଡ଼ ଯଥା ବଡ଼ ଦେଉଳ, ବଡ଼ ଠାକୁର, ବଡ଼ ଦାଣ୍ଡ, ବଡ଼ ପଣ୍ଡା, ବଡ଼ ଭୋଗ (ମହାପ୍ରସାଦ), ବଡ଼ ପାବଛ ଇତ୍ୟାଦିକୁ ନେଇ ୨୨ ପାହାଚ ପ୍ରତିନିଧିତ୍ୱକୁ ବୁଝାନ୍ତି। ତେବେ ବହିଃସ୍ଥ ପାବଛ ହେଉ ବା ବାଇଶିପାହାଚ ହେଉ, ଯିଏ ଯେମିତି ସିଦ୍ଧାନ୍ତ ଟାଣିବାକୁ ଚେଷ୍ଟା କରିଛି, ତାହା ଠିକ୍ ହେଉ ବା ଭୁଲ ଆଉ ଏବେକୁ ଏହା ବାଇଶି ପାହାଚ ଠିକ୍।

ଶ୍ରୀକ୍ଷେତ୍ରର ଐତିହ୍ୟ, ପରମ୍ପରା ଓ ଧାର୍ମିକ ବିଶ୍ୱାସରେ ଏ ପାହାଚଗୁଡ଼ିକ ବହୁତ ଗୁରୁତ୍ୱପୂର୍ଣ୍ଣ।



ଏସ୍ଥାନ ପାବନ - ପବତ୍ରର ପ୍ରତୀକ, କାରଣ ଏଇଠି ଅଛି ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଓ ଅଷ୍ଟ ବୈକୁଣ୍ଠ। ଏହା ମହତ୍ତ୍ୱ ବ୍ୟାଖ୍ୟାନ କରିବାକୁ ଯାଇ ବଳରାମ ଦାସ ଗୁପ୍ତ ଗୀତାରେ ଲେଖିଛନ୍ତି:

*"ବାଇଶି ପାବଛେ ବୀର, ରହସ୍ୟ ସ୍ଥଳ ନାମତାର।*
*ଏହାଯେ ବାଇଶି ପାବଛ, ଅଠର କୋଟି ଶିବ ଲୋକ।*
*ରହିଅଛନ୍ତି ପୃଷ୍ଠ ଭାଗେ, ତାଙ୍କୁ କହିବି ତୋର ଆଗେ।।"*

ଏହା ଏକ ପବିତ୍ର ସ୍ଥାନ ନିଶ୍ଚୟ କାରଣ ଏହାରି ଉପର ଦେଇ ଜୀଉମାନଙ୍କର ଶ୍ରୀଗୁଣ୍ଡିଚା ଓ ବାହୁଡ଼ାଯାତ୍ରାର ପହଣ୍ଡି ବେଳେ ପଦସ୍ପର୍ଶ ହୁଏ। ଏହି ସମୟରେ ଏହାର ଉପରେ ଉପସ୍ଥିତ ହୋଇ ସର୍ବ ଦେବାଦେବୀମାନେ ଏ ଦୃଶ୍ୟ ଅବଲୋକନ କରନ୍ତି। ପୁନଶ୍ଚ ଏହାର ଚତୁଃପାର୍ଶ୍ୱରେ ବହୁ ଦେବଦେବୀମାନଙ୍କର ବିଜେ ହୋଇଛି। ମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲାବେଳେ ୩ୟ ପାହାଚର ବାମପଟେ ବିଜେ କରିଛନ୍ତି ଶ୍ରୀ କାଶୀବିଶ୍ୱନାଥ। କାହାଣୀ କୁହେ ଏକଦା ଏକ ବୃଦ୍ଧା କୁମ୍ଭାରୁଣୀ କାଶୀ ଯାଇ ଗଙ୍ଗାସ୍ନାନ କରି କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରିବାକୁ ଅଭିଳାଷ ପୋଷଣ କରନ୍ତେ ଶ୍ରୀ ଜଗନ୍ନାଥ ତାଙ୍କୁ ସ୍ୱପ୍ନରେ କହିଲେ ଯେ ସେ ସେହି ବାଇଶି ପାହାଚର ୩ୟ ପାହାଚରେ ଆସନ୍ତାକାଲି ଉପବେଶନ ଥିବା ସନ୍ନ୍ୟାସୀଙ୍କ ଠାରୁ ପ୍ରସାଦ ପାଉ। ସେଠି ଥିବା କାଶୀ ବିଶ୍ୱନାଥ ଚରଣାମୃତ ପାଉ। ତାର ଗଙ୍ଗାଯିବା ଦରକାର ନାହିଁ। ଗଙ୍ଗାତ ବିଷ୍ଣୁଙ୍କ ଚରଣରୁ ସୃଷ୍ଟି। ସେ ଏଇଠି ଅଛନ୍ତି। ଶ୍ରୀ ଜଗନ୍ନାଥ ବ୍ରାହ୍ମଣ ସନ୍ୟାସ ବେଶରେ ସେଠି ତା' ପରଦିନ ଉପସ୍ଥିତ ଥିଲେ। ସେ ବୃଦ୍ଧା ତାଙ୍କୁ ଦର୍ଶନ କଲା ଓ ତାଙ୍କଠୁ ପ୍ରସାଦପାଇ ଗଙ୍ଗାସ୍ନାନ ଓ କାଶୀ ବିଶ୍ୱନାଥଙ୍କର ଦର୍ଶନର ଫଳ ପାଇଲା। ଶାସ୍ତ୍ରମତେ : ସକଳ ତୀର୍ଥ ତୋ ଚରଣେ, ବଦ୍ରିକା ଯିବି କି କାରଣେ।

ଦ୍ୱିତୀୟ କାରଣଟି ହେଲା ଶ୍ରୀ କାଶୀବିଶ୍ୱନାଥ କାଶୀର ରାଜା ତ୍ରିବିକ୍ରମଦେବଙ୍କୁ ବର ଦେଇଥିବାରୁ ସେ ନିଜକୁ ବାସୁଦେବ ଶ୍ରୀକୃଷ୍ଣ ବୋଲି ପରିଚିତ କରାଇଥିଲେ। ଏଥିରେ ସ୍ୱଂୟ ଭଗବାନ ଶ୍ରୀକୃଷ୍ଣ କ୍ରୁଧ ହୋଇ ରାଜା ତ୍ରିବିକ୍ରମର ଶିର ସୁଦର୍ଶନ ଚକ୍ର ପଠାଇ ଛେଦନ କରିଥିଲେ ଏବଂ କାଶୀ ବିଶ୍ୱନାଥ ତାକୁ ଏ ବର ଦେଇଥିବାରୁ ତାଙ୍କୁ ଏକ ଅଭିଶାପ ସ୍ୱରୂପ ମନ୍ଦିରର ଭିତର ପ୍ରାଙ୍ଗଣେ ସ୍ଥାନ ନଦେଇ ବାଇଶି ପାହାଚରେ ପାର୍ଶ୍ୱ ଦେବତାଭାବେ ସ୍ଥାନ ଦେଇଥିଲେ। ଶାସ୍ତ୍ରରେ ଲେଖାଅଛି: ***"ନୀଳାଚଳେ ରହିବି ମୁଁ ଦାରୁରୂପ ଧରି/ବାଇଶି ପାହାଚ ତଳେ ଆସନ ତୁମ୍ଭରି।।"*** ସହଜେ ଶ୍ରୀ ଲୋକନାଥ / ଶ୍ରୀ ବିଶ୍ୱନାଥ ଶ୍ରୀ ଜଗନ୍ନାଥଙ୍କର ଭଣ୍ଡାର ରକ୍ଷକ ହେତୁ ଏବଂ ବାଇଶି ପାହାଚତଳେ ରତ୍ନଭଣ୍ଡାର ରହିଛି ବୋଲି କେଉଁଠି ତାଙ୍କୁ ସ୍ଥାନ ସେଇଠି ରହିଛି। ସେମିତି ରାମ ସୀତାଙ୍କ ଠାରୁ ଆରମ୍ଭକରି ବାଇଶି ପାହାଚ ପାର୍ଶ୍ୱରେ ଯେତେ ଦେବତା ଅଛନ୍ତି, ସମସ୍ତେ କିଛିନା କିଛି କାହାଣୀ ସହିତ ସମ୍ବନ୍ଧିତ।

ଏ ବାଇଶି ପାହାଚର ଦୈର୍ଘ୍ୟ ପ୍ରସ୍ଥ ଏବଂ ଉଚ୍ଚତା ସର୍ବତ୍ର ସମାନ ନୁହେଁ। ଏହାର ସର୍ବାଧିକ ପ୍ରସ୍ଥ ୧୫ଫୁଟ। ଉଚ୍ଚତା ୩ଇଞ୍ଚରୁ ସାତଇଞ୍ଚ ମଧ୍ୟରେ।

ଶ୍ରୀ ଜୀଉମାନଙ୍କ ବ୍ୟତୀତ ବାଇଶିପାବଛ କେତେ କେତେ ଭକ୍ତ, ସାଧୁ, ସନ୍ଥ ଏବଂ ବିଭିନ୍ନ ସମୟରେ ଋଷିମାନଙ୍କ ପଦସ୍ପର୍ଶରେ ପବିତ୍ର। ଏଣୁ କାରଣରୁ ମନ୍ଦିର ପ୍ରବେଶ ବେଳେ ଏହାର ସ୍ପର୍ଶରେ ପାପୀମାନେ ପ୍ରଥମେ ପାପ ରହିତ ହୁଅନ୍ତି। ତାପରେ କରନ୍ତି ଶ୍ରୀ ଜିଉମାନଙ୍କ ଦର୍ଶନ। ଶୁଣାଯାଏ ନିଃସନ୍ତନୀମାନେ ସନ୍ତାନ କାମନାକରି ବାଇଶି ପାହାଚରେ ଯାଚଞ୍ଚା କରିଥାଆନ୍ତି ଏବଂ ସନ୍ତାନ ପ୍ରାପ୍ତି ପରେ ସେ ସନ୍ତାନଙ୍କୁ ବାଇଶ ପାହାଚରେ ତା' ମଙ୍ଗଳମନାସୀ ଗଡ଼ାଇ ଆଣିଥାନ୍ତି। ସେମାନଙ୍କ ବ୍ୟତୀତ ଅନ୍ୟମାନେ ସନ୍ତାନଙ୍କ ଶୁଭ ମନାସୀ ତାହାହିଁ କରିଥାଆନ୍ତି।

ଏକଥା ପୂର୍ବରୁ କହିଛୁ ଯେ ବାଇଶି ପାବଛରେ ବ୍ରହ୍ମଲୋକ, ପିତୃଲୋକ, ଧ୍ରୁବଲୋକ ଏବଂ ଅଷ୍ଟବୈକୁଣ୍ଠ ଅଛି। ଏଠାରେ ପିତୃଲୋକ ଥିବା କାରଣରୁ ଏ ବାଇଶି ପାହାଚରେ ପିଣ୍ଡଦାନ, ଅନ୍ନଦାନ ଓ ବସ୍ତ୍ରଦାନ ଇତ୍ୟାଦି ପିତୃପୁରୁଷଙ୍କୁ ଦେଲେ ସେମାନେ ଏହା ପାଆନ୍ତି। ଶ୍ରାଦ୍ଧ ଦେଉଥିବା କର୍ତ୍ତାର ବି ମହାପୂଣ୍ୟ ହୁଏ। ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କାରଣରୁ ଶ୍ରାଦ୍ଧ ଏବଂ ତୃପ୍ତିଦାନ କରୁଥିବାରୁ ତର୍ପଣ କୁହାଯାଏ।

ହିନ୍ଦୁମାନଙ୍କର ଧାର୍ମିକ ଓ ସାଂସ୍କୃତିକ ପରମ୍ପରାରେ ଶ୍ରାଦ୍ଧ ଏକ ବୈଦିକ କର୍ମ। ଏହା ଏକ ବୈଦିକକର୍ମ ବୋଲି ସ୍ୱୀକାର କରି ଗୋପବନ୍ଧୁ ଦାସ ଲେଖିଛନ୍ତି :

*"ଆସୁଅଛି ପିତୃପକ୍ଷ କରୁଛି ତର୍ପଣ*
*ମନ୍ତ୍ରପାଠ ତଳେଦଳେ କରେ ସମର୍ପଣ*
*ପିତୃ ପିତାମହଗଣ ବୈଦିକ ବିଧାନେ*
*ଦେବଗଣେ, ଋଷିଗଣେ ପୂଜେ ଜଳଦାନେ।"*

ବେଦମତେ ପିତା-ମାତା ଏବଂ ପିତୃପୁରୁଷଗଣ ହେଉଛି ପ୍ରକୃତ ଦେବଦେବୀ। ଏଣୁ ଇହଲୋକରେ ତାଙ୍କୁ ସେବା ଓ ଶ୍ରଦ୍ଧା ଦ୍ୱାରା ଶାନ୍ତି ଓ ପରଲୋକାଗତ ହେଲେ ତାଙ୍କ ତୃପ୍ତି ଓ ମୋକ୍ଷପାଇଁ ସନ୍ତାନମାନେ ଶ୍ରାଦ୍ଧ-ତର୍ପଣ-ପିଣ୍ଡଦାନ ଇତ୍ୟାଦି କର୍ମ କରିବା ଉଚିତ୍।

ଶ୍ରାଦ୍ଧ ଦିଆଯାଏ କାହାକୁ? ସ୍ମୃତି ସଂହିତାନୁସାରେ ସାଧାରଣତଃ ଶ୍ରାଦ୍ଧ ସ୍ୱର୍ଗତ ପିତା-ମାତାଙ୍କ ଉଦ୍ଦେଶ୍ୟରେ ଦିଆଯାଏ। ଏ ଶ୍ରାଦ୍ଧ ତିଥିଅନୁଯାୟୀ ଦିନିକିଆ ବା ବର୍ଷିକିଆ ହୋଇପାରେ; କିନ୍ତୁ




ମହାଳୟା ଶ୍ରାଦ୍ଧ ଆଶ୍ୱିନ କୃଷ୍ଣପକ୍ଷ/ପିତୃପକ୍ଷରେ ଯେ କୌଣସି ବ୍ୟକ୍ତି ଯେ କୌଣସି ତିଥିରେ, ତା' ପୁରୁଷର ତିଥି ନକ୍ଷେତ୍ରକୁ ନବିଚାରି, ଯେ କୌଣସି ଦିନରେ ଦେଇଥାଏ। ମହାଳୟା ଶ୍ରାଦ୍ଧ ସାତପୁରୁଷରଶ୍ରାଦ୍ଧ ଦେଇଥାଏ। ତିନି ପିତୃ ପୁରୁଷ : ପିତା, ପିତାମହ ଓ ପ୍ରପିତାମହ ଏବଂ ଅନୁରୂପ ତିନି ମାତୃପୁରୁଷ। ମାତୃ ପୁରୁଷରେ ମଉଳାକୂଳ ସଂପୃକ୍ତ ଥିବାରୁ ମହାଳୟା ଶ୍ରାଦ୍ଧାର ଅନ୍ୟନାମ ମଉଳା ଶ୍ରାଦ୍ଧ ଏବଂ ମହାଳୟା। ଅମାବାସ୍ୟାର ନାମ ମଉଳା ଅମାବାସ୍ୟା। ଏ ଛ' ପୁରୁଷ ବାଦେ ଆଉ ଏକ ଲୁପ୍ତ ପୁରୁଷଙ୍କୁ ଦିଆଯାଏ। ସେ ହେଉଛନ୍ତି ସେହି ସ୍ୱର୍ଗତ ବ୍ୟକ୍ତି ଯାହାଙ୍କୁ ଶ୍ରାଦ୍ଧ ଦେବାପାଇଁ କେହି ନଥାଏ। ଇଏ କୌଣସି ବଂଶୀୟ, ସଂପର୍କିତ ବା ପରିଚିତ ବା ଅପରିଚିତ ବ୍ୟକ୍ତି ହୋଇ ଥାଇପାରନ୍ତି। ଏତଦ୍ ଭିନ୍ନ ବ୍ରହ୍ମା, ବିଷ୍ଣୁ, ରୁଦ୍ର, ପ୍ରଜାପତି, ଋଷିଗଣ, ବେଦ ଓ ଛନ୍ଦ ଇତ୍ୟାଦିଙ୍କୁ ଶ୍ରାଦ୍ଧ ଦିଆଯାଏ। ଶ୍ରାଦ୍ଧରେ ଜଳ, ତିଳ ଓ ପିଣ୍ଡଦାନ କରାଯାଏ। ଏହାକୁ ପ୍ରାପ୍ତ ହେଲେ ପରାଗତ ଆତ୍ମା ମୁକ୍ତିଲାଭ କରିଥାଆନ୍ତି।

ମୃତ୍ୟୁ ତିଥିରେ ପରାଗତ ଆତ୍ମାମାନେ ପିଣ୍ଡପାଇଁ ଅପେକ୍ଷା କରିଥାଆନ୍ତି। ଯଦି ସେଦିନ ଉପଯୁକ୍ତ ସମୟରେ ସେମାନଙ୍କୁ ଶ୍ରାଦ୍ଧ ଦିଆନଗଲା, ସେମାନେ ନିରାଶ ହୋଇ ଫେରିଯାଆନ୍ତି। ଏବେ ପ୍ରଶ୍ନ: ସେ ପିଣ୍ଡରେ କ'ଣ ବଢ଼ାଯାଏ? ସାଧାରଣ ପିଣ୍ଡରେ ମହାପ୍ରସାଦ ପାକନ୍ନ ଅଥବା ଅମାନ୍ନ କିମ୍ବା ଜୀବିତାବସ୍ଥାରେ ତା'ର ଯାହା ମୁଖ୍ୟଖାଦ୍ୟ ଥିଲା। ଏସବୁର ଅଭାବରେ, ବ୍ୟତିକ୍ରମରେ ଅଥବା ପୁରୋହିତଙ୍କ ମତେ ତଣ୍ଡୁଳ, ନାରୀକେଳ, କଦଳୀ ବା ଦହି ଇତ୍ୟାଦିର ଚକଟା କିମ୍ବା ସେହିକ୍ରମେ ଦଳା ଅଟା ଦିଆଯାଇପାରେ ।

ଏବେ ପ୍ରଶ୍ନ: ଶ୍ରାଦ୍ଧ ଦେବାରେ ପ୍ରକୃତ ସ୍ଥାନ କିଏ? ଏହା ନିଶ୍ଚିତ ସତ୍ୟ ଯେ ପ୍ରଥମ ସ୍ଥାନ ହେଉଛି ଜନ୍ମସ୍ଥାନ ମୃତ୍ୟୁବଳର ତା'ର ବାସସ୍ଥାନ ବିଚାରକୁ ନିଆଯାଇପାରେ। ଦ୍ୱିତୀୟତଃ ଏହା ନଦୀତଟ, ପୁଷ୍କରିଣୀ ବା ସମୁଦ୍ରକୂଳ ହୋଇପାରେ। ତୃତୀୟତଃ ଏହା କୌଣସି ତୁଳସୀ ମୂଳେ ହୋଇପାରେ। ଅର୍ଥାତ୍ ଯେଉଁ ଜଳକୁ ତୀର୍ଥ ଜଳ ରୂପେ ଗ୍ରହଣ କରାଯାଇପାରେ। ସେହି ସ୍ଥାନରେ ଶ୍ରାଦ୍ଧ ତର୍ପଣ କରିବା ବିଧେୟ। ପିତୃତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଇପାରେ। କିନ୍ତୁ କୌଣସି ଅଦିନରେ ତିଥି ଶ୍ରାଦ୍ଧ ଏସବୁ ସ୍ଥାନରେ କରାଯାଏ ନାହିଁ। ସେଥିପାଇଁ କେତେକ ନିର୍ଦ୍ଦିଷ୍ଟ ଗ୍ରହଣୀୟ ତୀର୍ଥସ୍ଥାନ ଅଛି ଯେଉଁଠି ଯେ କୌଣସି ଶ୍ରାଦ୍ଧ, ଯେ କୌଣସି ଦିନ ତିଥିବାର ନକ୍ଷତ୍ର ବିନା କରାଯାଇପାରେ। ଯାହା ମଧ୍ୟରେ କାଶୀ ବା ଗୟା, ତ୍ରିବେଣୀ ଘାଟ ଇତ୍ୟାଦି ବିଚାରକୁ ନିଆଯାଇପାରେ। ମହାଳୟ ଶ୍ରାଦ୍ଧ ବା ପିତୃପକ୍ଷ ଶ୍ରାଦ୍ଧ ଘରେ ବା ବାହାରେ ଯେ କୌଣସି ସ୍ଥାନରେ କରଯାଇପାରେ। ମହାଳୟା ଶ୍ରାଦ୍ଧ ହିଁ କେବଳ ତର୍ପଣ ଶ୍ରାଦ୍ଧ। ଏହା କେବଳ ଆଶ୍ୱିନକୃଷ୍ଣ ପକ୍ଷ ପ୍ରତିପଦାଠାରୁ ଅମାବାସ୍ୟା ଯାଏ ଚାଲେ। ଏହି ଶ୍ରାଦ୍ଧମାଧ୍ୟମରେ ଆମେ ପିତୃପିରୁଷଙ୍କୁ ଏ ମୃତ୍ୟୁଲୋକୁ ଆହ୍ୱାନ କରୁ ଏବଂ ଏହାର ଠିକ୍ ମାସକ ପରେ କାର୍ତ୍ତିକ ଅମାବାସ୍ୟା ଦିପାବଳୀ ପିମ୍ଫେଇ ଅମାବାସ୍ୟା ଅବସରେ ଦୀପଜଳାଇ ବିଦାୟ ଦେଇ କହୁ: ବଡ଼ବଡ଼ିଆ ହେ ସ୍ୱର୍ଗେ ଯା.... ଏହା ପୁଣି ଏକ ଶ୍ରାଦ୍ଧ ମାଧ୍ୟମରେ ଯାହାକୁ ଆମେ କହୁ ପୟାଶ୍ରାଦ୍ଧ।

ଶ୍ରାଦ୍ଧ ଦେବା କାର୍ଯ୍ୟଟି ସାଧାରଣତଃ ଜ୍ୟେଷ୍ଠ ପୁତ୍ର ଦ୍ୱାରା ସମାହିତ ହୋଇଥାଏ। ତାଙ୍କ ଅନ୍ତେ ତାଙ୍କ ପରବର୍ତ୍ତୀ ଭାଇ ଅଥବା ଶାସ୍ତ୍ର ସ୍ୱୀକୃତି ପ୍ରାପ୍ତ ଆଉ କେହି ଦେଇଥାଆନ୍ତି। ତେବେ ତାଙ୍କ ସହଧର୍ମଣୀ ସହଯୋଗ କରିବା ଶାସ୍ତ୍ର ସମ୍ମତ। ଏମିତିକି ସ୍ୱାମୀଙ୍କ ଅନୁପସ୍ଥିତିରେ ପିଣ୍ଡଦାନର ପ୍ରମାଣ ଅଛି ଯଥା - ସୀତା। ବାଇଶି ପାହାଚ ପିଣ୍ଡଦାନ ସ୍ଥାନ ଦୃଷ୍ଟିରୁ ଏକ ଠିକ୍ ସ୍ଥାନ ନୁହେଁ। ତେବେ କାହିଁକି ବା କେବଠୁ ଏଠାରେ ପିଣ୍ଡଦାନ ହୋଇ ଆସୁଛି ଏହାହିଁ ବିଚାର୍ଯ୍ୟ। କିମ୍ବଦନ୍ତୀ ଅନୁସାରେ ରାଜା ଦର୍ପନାରାୟଣ ଶ୍ରୀ ଜଗନ୍ନାଥଙ୍କ ପ୍ରତ୍ୟହ ଦର୍ଶନ କରିବା ସହିତ ପିତୃପୁରୁଷଙ୍କୁ ଏଇଠି ଶ୍ରାଦ୍ଧ ଦେଉଥିଲେ। ଶ୍ରୀ ଜଗନ୍ନାଥ ତାଙ୍କର ଏପରି କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ବ୍ରାହ୍ମଣ ବେଶରେ ଦେଖାଦେଇ ଆଶୀର୍ବାଦ ଦେଇଥିଲେ। ସେବେଠୁ ତାହାଙ୍କୁ ଅନୁକରଣ କରି ଏଠାରେ ଅନ୍ୟମାନେ ପିତୃପୁରୁଷଙ୍କ ଶ୍ରାଦ୍ଧ ବାଢ଼ନ୍ତି। ତେବେ ଏହା ସହିତ ମୁଖ୍ୟ କାରଣଟି ଏହି ଯେ ବାଇଶି ପାହାଚହିଁ ପିତୃପୁରୁଷଙ୍କ ଉପସ୍ଥିତିର ଏକ ମୁଖ୍ୟସ୍ଥାନ ଯେଉଁଠି ଶ୍ରାଦ୍ଧ ବାଢ଼ିଲେ ସେମାନେ ପାଇବେ। ଶ୍ରାଦ୍ଧ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ, ମହତ୍ୱପୂର୍ଣ୍ଣ ଏବଂ ଶ୍ରେଷ୍ଠତମ ପବିତ୍ର ସ୍ଥାନ। ଏଇଠି ବିଦ୍ୟମାନ ପିତୃଲୋକ ସହ ସବୁଲୋକ ବାବା ଧାମ। ଏଠି ସର୍ବ ଦେବାଦେବୀ ଉପସ୍ଥିତ। ଏଇଠି ରହିଛି ପିଣ୍ଡଦାନକୁ ଶ୍ରେଷ୍ଠ ଦେୟ ମହାପ୍ରସାଦ, ଗଙ୍ଗାଧାରର ଶ୍ରେଷ୍ଠଜଳ ଶ୍ରୀ କାଶୀ ବିଶ୍ୱନାଥ ଏବଂ ଚରଣାମୃତ, ଏଇଠି ହୁଏ ପୟାଶ୍ରାଦ୍ଧ ଓ ମାର୍ଗଶୀର ମାସର ଅମାବାସ୍ୟା ଶ୍ରାଦ୍ଧ ଯାହା ସବୁ ପିତୃପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ। ପୁରୀ ହିଁ ତୀର୍ଥରାଜ। ଏହାର ପୁଷ୍କରିଣୀ, ସମୁଦ୍ର ଓ ବାଇଶି ପାବଛ ସମସ୍ତେ ତୀର୍ଥ କ୍ଷେତ୍ର। ଏହି କାରଣରୁ ଶ୍ରଦ୍ଧାଳୁମାନେ ପୁରୀ ଆସି ପ୍ରଥମେ ସମୁଦ୍ର ବା ପୁଷ୍କରିଣୀରେ ବୁଡ଼ ବା ସ୍ନାନସାରି ବାଇଶି ପାହାଚରେ ପକାନ୍ତି ଶ୍ରାଦ୍ଧ। ତା'ପରେ କରନ୍ତି ଶ୍ରୀ ଜୀଉମାନଙ୍କ ଦର୍ଶନ। ପିତୃପକ୍ଷରେ ପିତୃପୁରୁଷଗଣ ବାଇଶି ପାହାଚରେ ଉପସ୍ଥିତି ଥିବାରୁ ସେହିଦିନଗୁଡ଼ିକରେ ଏଠି ଶ୍ରାଦ୍ଧଦେବା ସବୁଠୁ ଉତ୍ତମ। ବିଶେଷକରି ମହାଳୟା ଦିବସ ସବୁଠୁ ସର୍ବୋତ୍ତମ।

ଶ୍ରାଦ୍ଧ ପରେ ବ୍ରାହ୍ମଣ, ଦୁଃଖୀ ବା ରଙ୍କିଙ୍କୁ ଭୋଜନ ଦାନ ଓ ଦକ୍ଷିଣା ନିଶ୍ଚିତ। ବିଶ୍ୱାସ ଯେ ଯେମନ୍ତ ଦେଇ, ତେମନ୍ତ ପାଇ। ଆମେ ମହାଭାରତରୁ ଜାଣିଛେ ଯେ କର୍ଣ୍ଣଥିଲେ ମହାଦାନୀ। ସେ ପ୍ରତ୍ୟହ ଗରିବ ବା ଅଭାବୀଙ୍କୁ ସ୍ୱର୍ଣ୍ଣ ଦାନ କରୁଥିଲେ। କିନ୍ତୁ ମୁଠାଏ ଅନ୍ନ କାହାକୁ ଦେଇ ନଥିଲେ। ଏଣୁ ଯେତେବେଳେ ତାଙ୍କର ସ୍ୱର୍ଗବାସ କଲା। ସେଠି ଆଉ ତାଙ୍କୁ କୁଢ଼ କୁଢ଼ ସୁବର୍ଣ୍ଣ ମିଳିଲା। ହେଲେ ମୁଠାଏ ଅନ୍ନ ନାହିଁ। ସେଥିପାଇଁ ସେ ୧୪ଦିନ ପାଇଁ ମର୍ତ୍ତ୍ୟଲୋକକୁ ଆସି ଅନ୍ନଦାନ କରି ଫେରିଲେ। ଏହାଥିଲା ଆଶ୍ୱିନ ପ୍ରତିପଦାଠାରୁ ଆଶ୍ୱିନ ଆମାବାସ୍ୟା ଯାଏଁ। କେହିକେହି ଏହାକୁ ସେହି କାରଣରୁ ପିତୃପକ୍ଷ କୁହନ୍ତି। ଏଥିରୁ ଆମେ ନିଶ୍ଚିତ ଯେ କର୍ଣ୍ଣଙ୍କ ମୃତ୍ୟୁ ପରଠୁ ପିତୃପକ୍ଷ ପାଳିତ ହେଉଅଛି।

ପିତା-ମାତା ପ୍ରତିଟି ବ୍ୟକ୍ତିପାଇଁ ସ୍ରଷ୍ଟା ଓ ସୃଷ୍ଟି କର୍ତ୍ତା ଏବଂ ସେମାନଙ୍କ ବିନା ଆମ କଳ୍ପନା ଏବଂ ଏ ପୃଥିବୀରେ ଆମ ସ୍ଥିତି ନିହାତି ଅସମ୍ଭବ ଅଟେ। ତାଙ୍କ ଜୀବଦଶାରେ ସେ ଆମ ଜୀଅନ୍ତା ଦିଅଁ ଯାହାଙ୍କ ସେବା, ଯତ୍ନ ଓ ନିଃସ୍ୱାର୍ଥପର ଦାନରେ ଆମେ ଏଠି ତିଷ୍ଠିଛେ। ମାତାତ ଜନ୍ମଦାତ୍ରୀ, ପାଳନକର୍ତ୍ତା, ସର୍ବସଂହା ଧରିତ୍ରୀ, କଲ୍ୟାଣମୟୀ, ମମତାମୟୀ, ଶୁଭ୍ରଦାୟିନୀ ମା', ସ୍ୱର୍ଗାଦପୀ ଗରିୟସୀ; ପିତାତ କରୁଣାର ଅବତାର, ବାକ୍ୟାତୀତ, ଭାଷାତୀତ, ଆକାଶଠାରୁ ମହାନ୍। ଆମେ ତାଙ୍କ ଋଣ ଶୁଝିବାରେ ନିହାତି ଅଧମ ଅକ୍ଷମ ଏବଂ ଅକିଞ୍ଚନ। ତଥାପି କିଛି କରିନପାରିଲେ ବି ତାଙ୍କ ପ୍ରତି ଅନୁରାଗ, ଅନୁରକ୍ତି, ଶ୍ରଦ୍ଧା, ସମ୍ମାନ ଓ ଭକ୍ତି କ'ଣ ଏତିକି ପାରିବାନାହିଁ? ତାଙ୍କ ଅନ୍ତେ ତାଙ୍କ ମୋକ୍ଷପାଇଁ କରିପାରିବା ନାହିଁ ଶ୍ରାଦ୍ଧ-ତର୍ପଣ? ତାଙ୍କ ତୃପ୍ତିରେ ବାଢ଼ିପାରିବା ନାହିଁ ମୁଠାଏ ପିଣ୍ଡ?? ବୋଧହୁଏ ଏତିକି କଲେ ଦେବତାମାନେ ଆମଠି ଖୁସି ହୋଇପାରନ୍ତି। ଏଣୁ ଯଥାର୍ଥରେ କୁହାଯାଇଛି :

*"ଜନନୀ ଜନ୍ମ ଭୂମିଶ୍ଚ, ସ୍ୱର୍ଗାଦପୀ ଗରିୟସୀ...*
*ପିତା ଧର୍ମ ପିତା ସ୍ୱର୍ଗ ପିତାହି ପରମତପଃ*
*ପିତରି ପ୍ରୀତିମାର୍ଣ୍ଣେ ପ୍ରିୟନ୍ତେ ସର୍ବଦେବତା।।"*

**—ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: [illegible]

ସଂ ଗଚ୍ଛଦ୍ଧ୍ୱଂ ସଂ ବଦଦ୍ଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଫେବୃଆରୀ ୫**

# ଅତିବଡ଼ୀ ଜଗନ୍ନାଥ ଦାସ

ଓଡ଼ିଆ ସାହିତ୍ୟର ପଞ୍ଚସଖା ଯୁଗର କବି ଅତିବଡ଼ୀ ଜଗନ୍ନାଥ ଦାସ ଥିଲେ ପଣ୍ଡିତ ଓ ଆଧ୍ୟାତ୍ମିକ ପୁରୁଷ। ସେ ଓଡ଼ିଆ ଜାତିର ଜୀବନବେଦ ଭାଗବତର ସ୍ରଷ୍ଟା। ତାଙ୍କ ଭାଗବତ, ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ। ଡ.ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତରେ ଜଗନ୍ନାଥ ଦାସଙ୍କ ଭାଗବତ, ମୂଳ ଭାଗବତ ଠାରୁ ଭିନ୍ନ । ସେ ସମକାଳୀନ ସାମାଜିକ ଅବସ୍ଥାକୁ ଦୃଷ୍ଟିରେ ରଖି ଭାଗବତ ରଚନା କରିଥିଲେ। ମୂଳଭାଗବତରେ ଯେଉଁଠି ସାମାଜିକ ମୂଲ୍ୟବୋଧ ନ ଥିବା ଅନୁଭବ କରିଥିଲେ, ସେହି ଅଂଶ ଯେ ପରିହାର କରିଥିଲେ। ସମାଜର ଉପକାର ପାଇଁ ସେ ଭାଗବତ ରଚନା କରିଥିଲେ। ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ସେ ଲେଖିଥିଲେ। ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ ରଚନା କରିଥିଲେ ଯଥାକ୍ରମେ ମହାଦେବ ଦାସ ଏବଂ ଦ୍ୱାରିକା ଦାସ। ଏହି ଭାଗବତର ଅଧ୍ୟାୟ ତିନିଶହ ବୟାଳିଶ। କଥିତ ଅଛି ଜଗନ୍ନାଥ ଦାସଙ୍କ ମାତା ପୁରାଣ ଶୁଣିବା ପାଇଁ ଥରେ ମନ୍ଦିରକୁ ଯାଇଥିଲେ। ମାତ୍ର ଦକ୍ଷିଣା ଦେବାକୁ ସକ୍ଷମ ନଥିବାରୁ ପୁରାଣ ପଣ୍ଡା ଶୁଣାଇବାକୁ ମନା କରିଦେଇଥିଲେ। ମନ ଦୁଃଖରେ ଘରକୁ ଫେରି ପୁତ୍ରଙ୍କୁ ଓଡ଼ିଆରେ ଭାଗବତ ରଚନା ପାଇଁ ଉପଦେଶ ଦେଇଥିଲେ। ପୁଣି, ଏଥି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ, ତାଙ୍କୁ ନିର୍ଦ୍ଦେଶ ଦେଇଥିବା ରାମଦାସଙ୍କ ଦାର୍ଢ୍ୟତାଭକ୍ତି ରସାମୃତରେ ଉଲ୍ଲେଖିତ। ପ୍ରଭୁ ସ୍ୱପ୍ନରେ କହିଥିଲେ – ଭୟ ନକର ତୁମ୍ଭେ କିଛି, ଗୀତ ତୁ କର ମୁହିଁ ଅଛି। ଜଗନ୍ନାଥ ଦାସ ପୁରୀ ନିକଟବର୍ତ୍ତୀ



ଡ଼ଃ.ଅରୁନ୍ଧତୀ ଦେବୀ

କପିଳେଶ୍ୱରପୁରରେ ଜନ୍ମ ହୋଇଥିଲେ। କମ୍ ବୟସରେ ବିଭିନ୍ନ ଶାସ୍ତ୍ରରେ ପାରଦର୍ଶିତା ଲାଭ କରିଥିଲେ। ଉଣେଇଶ ବର୍ଷ ବୟସରେ ଶ୍ରୀକ୍ଷେତ୍ର ଆସି, ଶ୍ରୀଜଗନ୍ନାଥଙ୍କ ସେବାରେ ନିଜକୁ ଉତ୍ସର୍ଜିତ କରିଥିଲେ। ଶ୍ରୀ ଚୈତନ୍ୟ, ତାଙ୍କୁ ନିତ୍ୟ ସହଚର ଭାବେ ଗ୍ରହଣ କରିଥିଲେ। ଶ୍ରୀ ଚୈତନ୍ୟ ହିଁ ତାଙ୍କୁ ଅତିବଡ଼ୀ ଉପାଧି ଦେଇଥିଲେ। ଜଗନ୍ନାଥ ଦାସଙ୍କ ଅନ୍ୟ ପ୍ରସିଦ୍ଧ ରଚନା ମଧ୍ୟରେ ଗୁପ୍ତ ଭାଗବତ, ଅର୍ଥକୋଇଲି, ଶୂନ୍ୟ ଭାଗବତ, ତୁଳାଭିଣା, ବ୍ରହ୍ମଗୀତା, ଭାଗବତ ସାର, ଦାରୁବ୍ରହ୍ମ ଗୀତା ଆଦି ପ୍ରଧାନ। ଫେବୃଆରୀ ୩ ତାରିଖ କିନ୍ତୁ ତିଥି ଓ ନକ୍ଷତ୍ର ଅନୁଯାୟୀ ମାଘ ସପ୍ତମୀ ଦିନ ଏହି କିମ୍ବଦନ୍ତୀ ଆଧ୍ୟାତ୍ମିକ ସାହିତ୍ୟ ସ୍ରଷ୍ଟାଙ୍କ ମହାପ୍ରୟାଣ ଘଟିଥିଲା।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# କୃତ୍ରିମ ଅମରତ୍ୱ



ଡାକ୍ତର ସମ୍ରାଟ କର

ଆମ ଶାସ୍ତ୍ର ପୁରାଣଗୁଡ଼ିକରେ ଦେବତା, ରାକ୍ଷସ ଓ ମନୁଷ୍ୟମାନଙ୍କର ଅମରତ୍ୱ ନେଇ ଅନେକ କାହାଣୀ ରହିଛି। ଏବେ ବି ଅନେକ ଲୋକ ଅମର ହେବାକୁ ହୁଏତ ଚାହୁଁଥିବେ, କିନ୍ତୁ ଏହା ଅକାଟ୍ୟ ଯେ ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ।' ସେଇ କାରଣରୁ ବୋଧହୁଏ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏବେ ବାସ୍ତବ ଅମରତ୍ୱ ନୁହେଁ, ମଣିଷ କୃତ୍ରିମ ଅମରତ୍ୱର ଉପାୟ ସୃଷ୍ଟି କରିଛି। ଫେସ୍‌ବୁକ ଭଳି ସାରା ପୃଥିବୀର ଲୋକଙ୍କୁ ପ୍ରତି ମୁହୂର୍ତ୍ତରେ ଏକାଠି ଯୋଡୁଥିବା ସୋସିଆଲ ନେଟୱାର୍କିଂ ସାଇଟଗୁଡ଼ିକ ଏଭଳି ଏକ କୃତ୍ରିମ ଦୁନିଆ ସୃଷ୍ଟି କରିଛନ୍ତି, ଯେଉଁଠି ଅନେକ ବାସ୍ତବ ମୃତ୍ୟୁ ପରେ ବି ଅମର ହୋଇ ରହିଛନ୍ତି ଅର୍ଥାତ୍ ସେମାନଙ୍କର ଡିଜିଟାଲ ଆତ୍ମା ବଞ୍ଚି ରହିଛି। କଥା ହେଉଛି, ଫେସ୍‌ବୁକ୍‌ରେ ଏଭଳି କୋଟି କୋଟି ମୃତ ଲୋକଙ୍କ ଖାତା ସକ୍ରିୟ ରହିଛି, ଯେଉଁମାନେ ଏ ଧରା ଧାମରୁ କେବେଠୁ ବିଦାୟ ନେଇସାରିଲେଣି। ନିକଟରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ଫେସ୍‌ବୁକ୍ ଆରମ୍ଭ ହେବାର ଆଠ ବର୍ଷ ପରେ ପ୍ରାୟ ୩ କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କ ମୃତ୍ୟୁ ଘଟିଥିଲା। ଅନୁମାନ ଅନୁଯାୟୀ ପ୍ରତିଦିନ ପ୍ରାୟ ୮ ହଜାର ଫେସ୍‌ବୁକ୍ ସଦସ୍ୟଙ୍କ ମୃତ୍ୟୁ ହୋଇଥାଏ। କିନ୍ତୁ ସେହି ବ୍ୟକ୍ତି ମାନଙ୍କୁ ଜନ୍ମଦିନ ଶୁଭେଚ୍ଛା ପଠାଇବା ପାଇଁ ଅନ୍ୟ ସଦସ୍ୟମାନଙ୍କୁ ଫେସ୍‌ବୁକ୍ ପକ୍ଷରୁ ମନେ ପକାଇ ଦିଆଯାଇଥାଏ। ପ୍ରକୃତରେ ଏଥିପାଇଁ ଏହି ସାଇଟ୍ ବା ତାର କର୍ତ୍ତୃପକ୍ଷଙ୍କୁ ଦୋଷ ଦେଇ ହେବନାହିଁ, କାରଣ ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଖଞ୍ଜାଯାଇଛି। ଫେସ୍‌ବୁକ୍ ବ୍ୟବହାରକାରୀର ମୃତ୍ୟୁ ହେଲେ ତାର ସୂଚନା ତା ଖାତା (ଆକାଉଣ୍ଟ)ରେ ଦିଆଯିବା ଆବଶ୍ୟକ। ତାପରେ ତାହା ସ୍ମୃତି ଖାତା ହୋଇଯାଏ ଓ ସେହି ବ୍ୟକ୍ତିର ଜନ୍ମଦିନ ଶୁଭେଚ୍ଛା ପଠାଇବା ବନ୍ଦ ହୋଇଯାଏ। ସମସ୍ୟା ହେଉଛି, କୋଟି କୋଟି ଫେସ୍‌ବୁକ୍ ବ୍ୟବହାରକାରୀଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିଲେ ହେଁ ସେମାନଙ୍କର ଖାତା ସ୍ମୃତି ହେବା ପାଇଁ ଯେଉଁ ବ୍ୟବସ୍ଥାଟି ରହିଛି, ଜାଣତ ବା ଅଜାଣତରେ ତାର ଠିକ ଉପଯୋଗ ହେଉନାହିଁ। ଆହୁରି ମଧ୍ୟ ଅନେକ ମୃତକଙ୍କ ଖାତାରୁ ସେମାନଙ୍କ ସମ୍ପର୍କୀୟ ସକ୍ରିୟ ରଖିଥିବା ଜଣାଯାଏ। କେବଳ ସେତିକି ନୁହେଁ, ପାଶ୍ଚାତ୍ୟ ଜଗତରେ ଏଭଳି ଡିଜିଟାଲ ଆତ୍ମାକୁ ଅମର ରଖିବା ପାଇଁ ଅର୍ଥାତ୍ ସେହି ବ୍ୟକ୍ତିର ଇଣ୍ଟରନେଟ ଉପସ୍ଥିତିକୁ ସକ୍ରିୟ ରଖିବା ପାଇଁ ସେବା ଯୋଗାଇବାକୁ ମଧ୍ୟ କେତେକ କମ୍ପାନୀ ଖୋଲିଗଲାଣି। ଧରାଧାମରୁ ବିଦାୟ ନେଇସାରିଥିଲେ ହେଁ ଜଣକର ଡିଜିଟାଲ ଅସ୍ତିତ୍ୱ ବା ଡିଜିଟାଲ ଆତ୍ମା ଦୁନିଆରେ ବିଚରଣ କରୁ ବୋଲି ଚାହୁଁଥିବା ଲୋକେ ଉଭଟ ହେଲେ ବି ଏଭଳି ସେବାକୁ ଆପଣାଇଛନ୍ତି। ଶରୀରର ମୃତ୍ୟୁ ହେଲେ ବି ମଣିଷର ଡିଜିଟାଲ ଅବତାରକୁ ବଞ୍ଚାଇ ରଖାଯାଉଛି ଏଇଥିପାଇଁ ଯେ ଭବିଷ୍ୟତରେ କୌଣସି ବ୍ୟକ୍ତି ସେସବୁ ତଥ୍ୟ, ଫଟୋ ବା ଭିଡ଼ିଓକୁ ଆଧାର କରି ତା ସହ ସମ୍ବନ୍ଧ ଯୋଡ଼ି ପାରିବ। ତାର ଆଚାର, ବିଚାର ଆଦି ସମ୍ପର୍କରେ ଅବହିତ ହୋଇପାରିବ। ଆଜିକାଲି କୋଟି କୋଟି ଲୋକ ଫେସ୍‌ବୁକ୍‌ରେ କଥା, ଚିତ୍ର ବା ଭିଡ଼ିଓ ଉପସ୍ଥାପନ କରି ଆତ୍ମକଥା ଜଣାଇବାକୁ ଏକ ଦୈନନ୍ଦିନ କାର୍ଯ୍ୟରେ ପରିଣତ କରିଦେଲେଣି। ଯଦି ସେମାନଙ୍କ ମୃତ୍ୟୁର ଅନେକ ବର୍ଷ ପରେ କେହି ବନ୍ଧୁ ସେଗୁଡ଼ିକୁ ଦେଖେ, ତାହା ସଂପୃକ୍ତ ବ୍ୟକ୍ତିଟିର ଉପସ୍ଥିତିକୁ ଅନୁଭବ କରାଇଦେବ। ତେଣୁ ଫେସ୍‌ବୁକ୍‌ରେ ଡିଜିଟାଲ ଆତ୍ମାର ଏ ଅମରତ୍ୱ ଅନେକଙ୍କ ପାଇଁ ସାନ୍ତ୍ୱନାର ବିଷୟ ବୋଲି କୁହାଯାଉଛି। ଆଧୁନିକ ସୂଚନା ପ୍ରଯୁକ୍ତି ଉଦ୍ୟୋଗ ଏହି ଡିଜିଟାଲ ଆତ୍ମାକୁ ଦୀର୍ଘଜୀବୀ କରିବା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ବାହାର କରୁଛି। କେତେକ ବୈଜ୍ଞାନିକ ଏଭଳି ରୋବଟ ତିଆରି କରୁଛନ୍ତି, ଯେଉଁମାନେ ମୃତ ବ୍ୟକ୍ତି ଭଳି ଦିଶିବେ ଓ ସେମାନଙ୍କ ଭଳି କଥା ବି କହିବେ। ଏହାଦ୍ୱାରା ମୃତକଟି ଅନ୍ୟମାନଙ୍କ ପାଇଁ ଅମର ହୋଇ ରହିବ। ଏହି କୃତ୍ରିମ ଅମରତ୍ୱ ଅନେକଙ୍କୁ ଆକର୍ଷଣୀୟ ଓ ମଜାଦାର ଲାଗୁଥାଇପାରେ। ମାତ୍ର ଏହା ଭିତରେ ଯେ ମଣିଷ ମନର ଦୁର୍ବଳତା ଲୁଚିରହିଛି, ଯାହା ତା ପାଇଁ ବିପଜ୍ଜନକ ତାହା ଜାଣିବା ଆବଶ୍ୟକ। ଜନ୍ମ ହେଲେ ମୃତ୍ୟୁ ଅନିବାର୍ଯ୍ୟ। ଜୀବନ ଯେତିକି ଜରୁରୀ, ମୃତ୍ୟୁ ବି ସେତିକି ଜରୁରୀ। ମଣିଷ ନିଜକୁ ସାନ୍ତ୍ୱନା ଦେବା ପାଇଁ କୃତ୍ରିମ ଅମରତ୍ୱ ସୃଷ୍ଟି ତାକୁ ଦିନେ ଯେ କବରଖାନାର ଭୂତ ହୋଇ ନ ଡରାଇବ, ତାହା କହିହେବ ନାହିଁ। ଡିଜିଟାଲ କବରଖାନାରେ ଥିବା କୋଟି କୋଟି ମୃତକଙ୍କ ସୂଚନା ଆମର ବାସ୍ତବ ପୃଥିବୀକୁ ମଧ୍ୟ ପ୍ରଭାବିତ କରିପାରେ ଅର୍ଥାତ୍ ମଣିଷର ଖୁସିକୁ ବଢ଼ାଇଦେବା ବଦଳରେ ସୁଖୀ ମଣିଷଟିକୁ ମଧ୍ୟ ଖୁବ୍ ଦୁଃଖୀ କରିଦେଇପାରେ। ମୃତ୍ୟୁକୁ ସ୍ୱାଭାବିକ ଭାବେ ମଣିଷ ଗ୍ରହଣ କରିବା ହିଁ ତା ପାଇଁ ଶ୍ରେୟସ୍କର। କୃତ୍ରିମ ଅମରତ୍ୱ କେବଳ ଏକ ଅବୋଧ ପରିକଳ୍ପନା।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ଭାରତୀୟ ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ୍ୟ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ୍ୟ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ। ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।



ଯୁଧିଷ୍ଠିର ମହାରଣା

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ୍ୟ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ୍ୟ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ୍ୟ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ୍ୟ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ। ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ୍ୟ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ୍ୟ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୧୬୩୫୨୮*

# ସମାଜ ସଂସ୍କାରକ ସାରଳା ଦାସ

ସାରଳା ଦାସ ଅବିଭକ୍ତ କଟକ ଜିଲ୍ଲାର ଜଙ୍ଗେଶ୍ୱରପୁରସ୍ଥିତ କନକବତୀପାଟଣା ନିକଟସ୍ଥ ଚନ୍ଦ୍ରଭାଗା ନଦୀକୂଳରେ ଥିବା ସାରୋଳ ବା କାଳିନାଗ ଗ୍ରାମରେ ପଂଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଜଣେ ପ୍ରଧାନ କୃଷିକାରୀ ଓ ଗ୍ରାମୀଣ ବ୍ୟକ୍ତି ଥିଲେ । ବାଲ୍ୟକାଳରେ ସାରଳା ଦାସଙ୍କର ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା (ସ୍ୱାଇଁ) ପିତା, ମାତା ଓ ଚାରିଭାଇଙ୍କ ସହିତ ନିଜର ବାଲ୍ୟ, ଶୈଶବ ଓ ଯୌବନ ଜୀବନ ଅତିବାହିତ କରିଥିଲେ । ତାଙ୍କର ବଡ଼ଭାଇ ପର୍ଶୁରାମ ପରିଡ଼ା ଜଙ୍ଗେରପୁର ନିକଟରେ ପ୍ରବାହିତ ହେଉଥିବା ଚନ୍ଦ୍ରଭାଗା ନଦୀର ଘାଟ ନେଇଥିଲେ । ପରଅବସ୍ଥାରେ ପର୍ଶୁରାମ ପରିଡ଼ା କନକପୁରକୁ ଉଠିଆସି ଘରଟିଏ କରି ରହିଲେ । କିନ୍ତୁ ସିଦ୍ଧେଶ୍ୱର ସାରଳା ମା'ଙ୍କ ଚରଣାବିନ୍ଦରେ ଗଭୀର ଭକ୍ତି ଢ଼ାଳିଦେଇ ସେବାରତ ଥିଲେ । ସେ ସମୟରେ ଚାଟଶାଳୀର ସୁବିଧାନଥିବାରୁ ନିଜ ଚେଷ୍ଟାରେ ଅଧ୍ୟୟନ କରିଥିଲେ । ଓଡ଼ିଆରେ ମିଳୁଥିବା କୋଇଲି ଚଉତିଶା ଅନ୍ୟ କେତେ ଖଣ୍ଡ କ୍ଷୁଦ୍ର କବିତା ପଢ଼ିଥିଲେ । ଏତିକିରେ ତାଙ୍କର ଶିକ୍ଷାଜୀବନର ପରିସମାପ୍ତି ଘଟିଥିଲା । ସିଦ୍ଧେଶ୍ୱର ଯୌବନରେ ପଦାର୍ପଣ କଲାପରେ, ଗୀତ ରଚନା କରି ନିଜେ ଗୀତ ବୋଲୁଥିଲେ । ପରଅବସ୍ଥାରେ ପୌରାଣିକ କାହାଣୀଗୁଡ଼ିକ ଶୁଣି, ପୁରାଣ ପଢ଼ିବାକୁ ଆଗ୍ରହ ପ୍ରକାଶ କରିଥିଲେ । ସଂସ୍କୃତ ଶିଖି ନଥିବା ଅପଣ୍ଡିତ ସିଦ୍ଧେଶ୍ୱର ସଂସ୍କୃତ ପଢ଼ିବା ଓ ଲେଖିବା ଏକ ଆଶ୍ଚର୍ଯ୍ୟ ଘଟଣା ଥିଲା । ବିଲରେ ଚାଷ ପାଇଁ ହଳ ବୁଲାଉଥିବା ସମୟରେ ସିଦ୍ଧେଶ୍ୱର ସୁନ୍ଦର ଗୀତ ନିଜ ମନରୁ ରଚନାକରି ବୋଲନ୍ତି । ଏହି ସମୟରେ ସେ ଆତ୍ମହରା ହୋଇପଡନ୍ତି । ସେ 'ମନାଇ ଚଉତିଶା' ନାମକ ଏକ ଗୀତ ରଚନା କରିଥିଲେ । ଦିନକର ଘଟଣା ସିଦ୍ଧେଶ୍ୱର ହଳ ବୁଲାଉଥାନ୍ତି ଓ ଗୀତ ବୋଲୁଥାନ୍ତି, କିନ୍ତୁ ପଦ ମନେପଡିଲା ନାହିଁ । ଯେତେ ଚେଷ୍ଟା କଲେ



ଅକ୍ଷୟ କୁମାର ରାଉତ

ମଧ୍ୟ ତାଙ୍କର ସେହି ଗୀତର ପଦ ମନେପଡିଲା ନାହିଁ । ଅତି ବିଚଳିତ ଅବସ୍ଥାରେ ତାଙ୍କର ଇଷ୍ଟଦେବୀ ସାରଳାଙ୍କୁ ମନେପକାଇଲେ । ମା ସାରଳା ଭକ୍ତ ଅନ୍ତରର ଭକ୍ତି ମାଧ୍ୟମରେ ଏକ ନାରୀ ମୂର୍ତିଟି ହୋଇ ସିଦ୍ଧେଶ୍ୱରଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ କହିଲେ "ତୁ ଗୀତ ବନ୍ଦକଲୁ କାହିଁକି ? ମୁଁ ତୋ ଗୀତ ଶୁଣୁଥିଲି, ତୁ ଗୀତ ବୋଲି ଚାଲେ ସବୁ ମନେପଡିଯିବ । ତୋ ଗୀତ ମୋତେ ବହୁତ ଭଲଲାଗେ, ତୁ ମହାଭାରତ ରଚନା କରିପାରିବୁ, ଏହା କହି ନାରୀ ମୂର୍ତିଟି ଅନ୍ତର୍ଦ୍ଧାନ ହୋଇଗଲେ । ସେ ସମୟରେ ଓଡିଶାର ଗଜପତି ଥିଲେ ସୂର୍ଯ୍ୟବଂଶର ପ୍ରଥମ ସମ୍ରାଟ କପିଳେନ୍ଦ୍ର ଦେବ । ତାଙ୍କର ସାମ୍ରାଜ୍ୟ ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ଲମ୍ବିଥିଲା । ସିଦ୍ଧେଶ୍ୱର ମା ସାରଳାଙ୍କ ପୂଜା ଅର୍ଚ୍ଚନାରେ ନିଜକୁ ନିୟୋଜିତ କରିଥିଲେ । ଅନୁମାନ କରାଯାଏ ସିଦ୍ଧେଶ୍ୱର କପିଳେନ୍ଦ୍ର ଦେବଙ୍କ ସୈନ୍ୟ ବିଭାଗରେ ଯୋଗଦେଇ ବିଭିନ୍ନ ଯୁଦ୍ଧର ଅନୁଭୂତିକୁ ପରଅବସ୍ଥାରେ ମହାଭାରତରେ ବର୍ଣ୍ଣନା କରିଥିଲେ । ସୈନ୍ୟଦଳରୁ ଆସି ପୁରୀର ଯମେଶ୍ୱର ଲିଙ୍ଗଙ୍କ ମନ୍ଦିରରେ କିଛିକାଳ ଅବସ୍ଥାନ କରିଥିଲେ । ସେ ସମୟରେ ସଂସ୍କୃତ ପଣ୍ଡିତମାନଙ୍କର ପ୍ରଭାବ ଯଥେଷ୍ଟ ଥିଲା । ପୁରୀରେ ସଂସ୍କୃତ କାବ୍ୟ ଓ ନାଟକ ଚର୍ଚ୍ଚାରେ ସିଦ୍ଧେଶ୍ୱରଙ୍କୁ କେହି ଅଂଶ ଗ୍ରହଣ କରାଇଦେଉନଥିଲେ । ଏହିପରି ଅସହାୟ ମୁହୂର୍ତରେ ଇଷ୍ଟଦେବୀ ସାରଳା ସିଦ୍ଧେଶ୍ୱରଙ୍କୁ ଅଭୟ ପ୍ରଦାନକରି ଆଦେଶ ଦେଲେ "ତୁ ଯାଇ ନୀଳ କଳ୍ପବଟ ମୂଳେ ବସିବୁ,ଯାହା ଉପରୁ ଶୁଭିବ ତୁ ଲେଖିବୁ" । ସେତେବେଳକୁ ସିଦ୍ଧେଶ୍ୱର, ସାରଳା ଦାସ ନାମରେ ପରିଚିତ ହେଲେ । ମହାଭାରତ ରଚନାରେ ମନନିବେଶ କଲେ । କଳ୍ପବଟମୂଳରେ ମହାଭରତର ଆଠଗୋଟି ପର୍ବଶେଷ କରି ସାରିଥିଲେ । ପୁରୀ ଛାଡି ସେ କୋଣାର୍କରେ ଏକ ବଟବୃକ୍ଷ ମୂଳରେ ଯୋଗସାଧନ କଲେ ଓ ମହାଭାରତ ରଚନା କଲେ । ତାଙ୍କର ଲିଖିତ ମହାଭାରତରେ ଅନ୍ୟ ପଣ୍ଡିତ ମାନେ "ହାତୀ ବାର ଯୁଣ ତାର ଘଂଟି ବାର ଯୁଣ" ବର୍ଣ୍ଣନାକୁ ତ୍ରୁଟି ରୂପେ ଦର୍ଶାଇଥିଲେ । ହସ୍ତୀ ହେଲା ଦେବତା ଯୁଣରେ ଓ ଘଂଟି ହେଲ ମାନବ ଯୁଣରେ । ଏହାପରେ ପଣ୍ଡିତମାନେ ନିଜଭୂଲ୍ ବୁଝିପାରି କବିଙ୍କ ରଚିତ ମହାଭାରତକୁ ଗ୍ରନ୍ଥରୂପେ ସ୍ଥାନଦେଲେ ଓ ଶୂଦ୍ର ମୁନି ବୋଲି ସମ୍ମାନିତ କଲେ । ଏହି ସମ୍ବାଦ କପିଳେନ୍ଦ୍ର ଦେବଙ୍କ ନିକଟରେ ପହଂଚିଲା । ଗଜପତି ରାଜା ସିଦ୍ଧେଶ୍ୱରଙ୍କୁ ସ୍ୱାଇଁ ପରିବର୍ତେ ପରିଡା ଉପାଧିରେ ଭୂଷିତ କରାଇ ଝଙ୍କଡ ଆଦି କେତେ ଗ୍ରାମ ନିଷ୍କର ବୃତିରୂପେ ପ୍ରଦାନ କରିଥିଲେ । ପୁରୀରେ କିଛି ଦିନ ଅତିବାହିତ ହେବାପରେ କବି ସାରଳା ଦାସ ନିଜର ଜନ୍ମଭୂମିକୁ ଫେରିଆସିବା ବାଟରେ କଟକ ତୁଳସୀପୁରରେ କିଛି ଦିନ ରହିଲେ । ଦୈନିକ ମା କଟକ ଚଣ୍ଡୀଙ୍କୁ ଦର୍ଶନ କରନ୍ତି ଓ ନିଜ ରଚିତ ମହାଭାରତ ଦେବୀଙ୍କ ନିକଟରେ ପଢ଼ନ୍ତି । ଏହି ଗ୍ରନ୍ଥ ପାଠ ଶୁଣିବାପାଇଁ ବହୁ ଶ୍ରୋତା ମା ଚଣ୍ଡୀଙ୍କ ଠାରେ ରୁଣ୍ଡ ହୁଅନ୍ତି । ତାଙ୍କର ସାରସ୍ୱତ ସାଧନା ହିଁ ପ୍ରତ୍ୟେକ ଓଡ଼ିଆ ଜାତି ପାଇଁ ଅମଳିନ ପ୍ରେରଣା ହୋଇ ରହିଗଲା । ସେ ଆମ ଜାତିର ଗୌରବ, ସ୍ରଷ୍ଟା ଆଉ ଦ୍ରଷ୍ଟା । ସେ କେବଳ ଜଣେ ସିଦ୍ଧ ସାଧକ ନୁହଁନ୍ତି, ଭକ୍ତ ନୁହଁନ୍ତି, କବି ରୂପେ ତାଙ୍କୁ ଚିରଦିନ ଜାତି ପୂଜା କରିବ । ଆଜୀବନ ସେ ଯେଉଁ ଅଖଣ୍ଡସାଧନ କରିଛନ୍ତି ତାହା ହିଁ ତାଙ୍କୁ ଅମର କରିବ । ତାଙ୍କ ଜୀବନର ଏକ ବିସ୍ମୟକର ଓ ରହସ୍ୟମୟ କାହାଣୀ କୁହେ –

ଦିନେ ସାରଳାଦାସ ବିଲରେ ହଳ କରୁଥିବା ସମୟରେ, ଏକ ରାଜକନ୍ୟାର ବିବାହ ଉପଲକ୍ଷେ ରାଜକର୍ମଚାରୀମାନେ ସାରଳାଦାସଙ୍କ ନିକଟରେ ପହଁଚିଲେ । ତାଙ୍କର ଗୁଣ ଓ ବୁଦ୍ଧି ରାଜକର୍ମଚାରୀମାନଙ୍କୁ ମୁଗ୍ଧ କରିଥିଲା । ସାରଳାଦାସଙ୍କୁ ସେମାନେ ରାଜଦରବାରକୁ ଘେନିଗଲେ, ବିବାହର ଆୟୋଜନ କଲେ । କାଠ ଓ ବାଉଁଶଙ୍କୁ ଦେଖି ଚାଷୀ ସିଦ୍ଧେଶ୍ୱର ମନେମନେ ବହୁତ ଖୁସୀ ହେଉଥାନ୍ତି । ରାଜକନ୍ୟା ସିଦ୍ଧେଶ୍ୱରଙ୍କୁ ବନ୍ଦାପନା କରିବା ସମୟରେ, ସିଦ୍ଧେଶ୍ୱର ଭୟରେ ଖଟ ତଳେ ଲୁଚିଗଲେ । ସିଦ୍ଧେଶ୍ୱରଙ୍କର ଏହି ପରି କାର୍ଯ୍ୟରେ ରାଜକନ୍ୟା କ୍ରୋଧନ୍ୱିତା ହୋଇ ମୁର୍ଖ, ଅଧମ ବୋଲି କହି ଅନ୍ତଃପୁରକୁ ପଳାଇଲେ । ସିଦ୍ଧେଶ୍ୱର ରାଜକୁମାରୀଙ୍କ କଟୁମନ୍ତବ୍ୟରେ ଦୁଃଖିତ ହୋଇ ମା' ସାରଳାଙ୍କ ନିକଟକୁ ଯାଇ ନିଜର ଦୁଃଖ ଜଣାଇଲେ । 'ମା' ପ୍ରସନ୍ନ ହୋଇ କହିଲେ ସିଦ୍ଧେଶ୍ୱର ତୁ ଚିନ୍ତା କରନାହିଁ, ତୁ ଗଲାବେଳେ ବାଟରେ ଯେଉଁ ଲେଖନୀଟି ପାଇବୁ । ସେହି ଲେଖନୀରେ କଳ୍ପବଟ ମୂଳ ବସି ଚିନ୍ତାକଲେ ତୋତେ ସବୁ ଦୃଶ୍ୟମାନହେବ । ଏହି ଘଟଣାଟି ସିଦ୍ଧେଶ୍ୱରଙ୍କ ଜୀବନରେ ଅଭୂତପୂର୍ବ ପରିବର୍ତନ ଆଣିଥିଲା । 'ମା'ଙ୍କ ଦତ ଲେଖନୀ ସାହାର୍ଯ୍ୟରେ ସାରଳାଦାସ ମହାଭାରତ, ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ, ଲକ୍ଷ୍ମୀ ନାରାୟଣ ବଚନିକା ଓ ବହୁତ ସୁନ୍ଦର ସୁନ୍ଦର ଗଳ୍ପ ସୃଷ୍ଟି କରିଥିଲେ । ଗଳ୍ପଗୁଡିକ ହେଲା ବାବନା ଭୂତ, ଗଙ୍ଗା-ଶାନ୍ତନୁ ବିବାହ, ଭୀମ ରାଜାର କଥା, ନବଗୁଞ୍ଜର କଥା, ଭାରତ ଯୁଦ୍ଧର ଭରତିଆ ପକ୍ଷୀକଥା, କୁନ୍ତୀ ଗାନ୍ଧାରୀର ଶିବପୂଜା କଥା, ଅର୍ଜୁନର ବରପ୍ରାପ୍ତି କଥା ଓ ପାର୍ବତୀଙ୍କ କୋପ କଥା ପ୍ରଭୃତି ଗଳ୍ପଗୁଡିକ ଜନଜୀବନକୁ ବେଶ୍ ପ୍ରଭାବିତ କରିଛି । ଏହି ନିରହଙ୍କାର ସିଦ୍ଧ କବିଙ୍କ ଶେଷ ଜୀବନ ଇଷ୍ଟଦେବୀ ସାରଳା ଦେବୀଙ୍କ ନିକଟରେ କଟାଇଥିଲେ । ସେ ନିଜର ସ୍ତ୍ରୀ, ପୁତ୍ର ଓ କନ୍ୟାଙ୍କ ଠାରୁ ସମସ୍ତ ସଂସାରିକ ବନ୍ଧନ ତ୍ୟାଗକରି 'ମା'ଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗ କରିଦେଇଥିଲେ । ସାରଳାଦାସ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଥିଲେ । ଶାସ୍ତ୍ର ବିଚାରକରି ଜାଣି ପାରିଥିଲେ ଯେ ମାଘସପ୍ତମୀ ଦିନ ଦେହ ଛାଡିବାକୁ ହେବ । ତେଣୁ ଅକ୍ଷତ, ଗୋଟାଗୁଆ, ନଡିଆ, ପାନ, ତିଳ, ଗଙ୍ଗାଜଳ, ଗଙ୍ଗାମାଟି ସହ ଘିଅ ଦୀପ ସାରଳାଦାସ ନିଜ ସମ୍ମୁଖରେ ରଖି ତେନ୍ତୁଳିପଦା ବନ୍ଧମୁଣ୍ଡାର ବୃଦ୍ଧାନଦୀ କୂଳରେ ମାଘ ଶୁକ୍ଳ ପ୍ରତିପଦଠାରୁ ସମାଧିସ୍ଥ ହେଲେ । ମାଘ ସପ୍ତମୀ ସକାଳକୁ ଗୋଟିଏ ଘଡଘଡି ଶବ୍ଦ ହେଲା ଓ ଦୀପଟି ମଧ୍ୟ ଲିଭିଗଲା । ଏହା ହିଁ ଥିଲା ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କର ଅନ୍ତିମ ଯାତ୍ରା । ଆଜି ତାଙ୍କ ନାମାନୁସାରେ ମୁନି ଗୋସାଇଁ ମଠ କୁହାଯାଉଛି । ଏହି ସମାଧିର ଭଗ୍ନାବଶେଷ ନିକଟରେ ଏକ ବରଗଛ ଅଛି । ତାଙ୍କର ଲୌକିକତା, ଜନଜୀବନର ସଂସ୍କାର ଓ ପ୍ରତିଭାର ମୋହିନୀ ଶକ୍ତି ବଳରେ ଯୁଗଯୁଗ ପାଇଁ ଅମର ସୃଷ୍ଟି ମହାଭାରତରେ ଜୀବନ୍ତ କରି ଦେଇଗଲେ । ତେଣୁ ଆଜି ଓଡିଶାର ଜନତା ସେହି ଶୂଦ୍ରକବିଙ୍କୁ ଆଦିକବି ରୂପେ ପୂଜାଅର୍ଘ୍ୟ ଦେଇଥାନ୍ତି ।

*ପାରାଦ୍ୱୀପଗଡ଼, କୁଜଙ୍ଗ,*
*ଜଗତ୍‌ସିଂହପୁର*
*ମୋ : ୯୯୩୭୬୯୧୪୭୫*

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ କାହିଁକି ?

ଏ ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ସମସ୍ତଙ୍କ ପରି ସାଇଭକ୍ତମାନଙ୍କ ପ୍ରତି ମଧ୍ୟ ଏହା ପ୍ରଯୁଜ୍ୟ। ଏହା ସତ୍ୟ ଯେ ଅଧିକାଂଶ ସାଇଭକ୍ତ ସମର୍ଥ ସଦ୍‌ଗୁରୁ ଶିରିଡ଼ି ସାଇବାବାଙ୍କର ପ୍ରତ୍ୟକ୍ଷ କୃପା ବା ଅନୁଭୂତି ଲାଭ କରିଛନ୍ତି। ଏହା ନ ହୋଇଥିଲେ ସେମାନେ କେବେ ବି ଏହି ମାର୍ଗରେ ଆସିନଥାନ୍ତେ କି ଶିରିଡ଼ି ସାଇବାବାଙ୍କର ପୂଜା କରୁନଥାନ୍ତେ। ତଥାପି ଯଦି ଏହିପରି କେହି ଭକ୍ତ ଥିବେ ଏବଂ ସାଇବାବାଙ୍କର କୃପା ବା ଅନୁଭୂତି ଲାଭ ନକରି ମଧ୍ୟ ତାଙ୍କର ପୂଜା ଓ ଭକ୍ତି କରୁଥିବେ ତାହେଲେ ତାଙ୍କୁ ଧନ୍ୟବାଦ ଦେବାକୁ ହେବ। ସେହିପରି ବ୍ୟକ୍ତି ପ୍ରକୃତରେ ଭାଗ୍ୟବାନ। ସାଇଭକ୍ତମାନେ ଏହି ଦୃଷ୍ଟିରୁ ଭାଗ୍ୟବାନ ଯେ ବାବାଙ୍କର ଅନୁଭୂତି ଲାଭ କରିବା ପରେ ସେମାନଙ୍କର ବିଶ୍ୱାସ ଦୃଢ଼ ହୋଇଥାଏ। ଏହାପରେ ଏହାକୁ ଜାରି ରଖି ଉତ୍ତରୋତ୍ତର ବୃଦ୍ଧି କରିବା ହେଉଛି ଭକ୍ତର ଦାୟିତ୍ୱ। ଶିରିଡ଼ି ସାଇବାବାଙ୍କ ପରି ସଦ୍‌ଗୁରୁଙ୍କର ବିଶେଷତ୍ୱ ହେଉଛି ସେମାନେ ପ୍ରଥମେ କୌଣସି ନା କୌଣସି ଉପାୟରେ ଅନୁଭୂତି ପ୍ରଦାନ କରି ଭକ୍ତର ହୃଦୟରେ ବିଶ୍ୱାସରୂପକ ବୀଜ ରୋପଣ କରିଦିଅନ୍ତି। ଏହାପରେ ତାର ବିବେକ ଜାଗ୍ରତ କରି ଅଜ୍ଞାନତା ଦୂର କରନ୍ତି। ଏହି ସ୍ତରରେ ପହଞ୍ଚିଲା ପରେ ଭକ୍ତର ଧୈର୍ଯ୍ୟଶକ୍ତି ବୃଦ୍ଧି ପାଏ। ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ବାବାଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା ଅଭିପ୍ରାୟରେ ଅନେକ ସାଇଲୀଳା ସମ୍ପର୍କିତ ଓ ଶିରିଡ଼ି ସାଇଙ୍କ ଦିବ୍ୟ ମହିମାର ଗାଥା ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ସାଇ ସତ୍‌ଚରିତରେ ବାବା କହିଛନ୍ତି ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ମୋତେ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ମୋର ଅତ୍ୟନ୍ତ ପ୍ରିୟ। ଆଜି ଆଉ ଜଣେ ଭକ୍ତଙ୍କର କଥା ଆଲୋଚନା କରିବା। ଏହି ଭକ୍ତଜଣକ ହେଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା। ମୀରାବାଈଙ୍କର କଥା ଇତିହାସରେ ମଧ୍ୟ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ଏହିପରି ଅନେକ ପ୍ରଶ୍ନର ଉତ୍ତର ଖୋଜି ପାଠକମାନଙ୍କୁ ପରଶିବା ପାଇଁ ସ୍ୱୟଂ ବାବାଙ୍କର ପ୍ରେରଣାରେ ବର୍ଷ ବର୍ଷ ଧରି ଅନେକ ଶିରିଡ଼ି ସାଇଙ୍କର ମହିମା ସମ୍ପର୍କିତ ପତ୍ରପତ୍ରିକା ଓ ପୁସ୍ତକ ହୋଇ ଆସୁଛି। ବାବାଙ୍କ ଇଚ୍ଛା ତାଙ୍କର ଭକ୍ତମାନେ ଏଥିରେ ପ୍ରକାଶ ପାଉଥିବା ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ।



ବିପିନ୍ ବିହାରୀ ରାଉତ

ଏବେ ବାବା ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାକୁ ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ତଥାପି ଯଦି କାହା ପାଇଁ ଏହା ରୁଚିକର ନହେଲା, ତାହେଲେ କ'ଣ କରାଯିବ ? ଜୀବନସାରା ଆଉ ଦୁଃଖ କି କ୍ଳେଶର ଚିହ୍ନ ରହିବ ନାହିଁ ଜଣେ ସାଇଭକ୍ତ ଗୋଟିଏ କୌତୁହଳପ୍ରଦ କାହାଣୀ ବର୍ଣ୍ଣନା କରୁଥିଲେ। ଅଞ୍ଚଳର ଏକ ଦମ୍ପତି ବହୁ ପୂଜା, ବ୍ରତ, ଉପାସନା ଆଦି କଲେ ପୁତ୍ର ସନ୍ତାନଟିଏ ପ୍ରାପ୍ତି ଲକ୍ଷ୍ୟରେ। ଏମିତି କୌଣସି ଦେବାଦେବୀଙ୍କର ପୂଜା ନାହିଁ ସେମାନେ କରିନାହାନ୍ତି। ଶେଷରେ କାହାଠାରୁ ଶୁଣି ଶିରିଡ଼ି ସାଇ ସତ୍‌ଚରିତ ଯୋଗକୁ ବାବାଙ୍କ କୃପାରୁ ତାଙ୍କର ପୁତ୍ର ସନ୍ତାନଟିଏ ହେଲା। କିନ୍ତୁ ଯେଉଁଦିନ ପୁତ୍ରଲାଭ ହେଲା ମାନସିକ ପୂରଣ ହୋଇଗଲା ଜାଣି ସତ୍‌ଚରିତ ପଢ଼ା ବି ବନ୍ଦ ହୋଇଗଲା। ଏପରି ଲୋକମାନେ ଚିରକାଳ ଭଗବାନଙ୍କ ସାନ୍ନିଧ୍ୟ ବା କୃପା ପାଇବେ ବୋଲି କେହି ଯଦି ଭାବୁଥିବେ, ତାହେଲେ ସେମାନଙ୍କୁ କି ଉତ୍ତର ଦିଆଯିବ। ଆମ ଦୁନିଆର ଚାରିପଟରେ କେବଳ ଏହିପରି ମାନସିକତା ! ! ଏହା ରୁଗ୍‌ଣ କି ଆଉ କ'ଣ ତାହା ଆମର ଆଲୋଚନାର ପରିସର ବାହାରେ। ଗୋଟିଏ ଭଲ ଜିନିଷ ପଢ଼ିବାରେକି ଜାଣିବାରେ ତ ଆମର ଧୈର୍ଯ୍ୟ କି ଆଗ୍ରହ ରହୁନାହିଁ; ଆଉ ପ୍ରହ୍ଲାଦ, ମୀରାବାଈଙ୍କ ଭଳି ପରୀକ୍ଷା ହେଲେ କ'ଣ କହିବା ! ! ତଥାପି ଆମର ଇଚ୍ଛା ସେହିଭଳି ଭକ୍ତର ମାର୍କା ମିଳିଯାଆନ୍ତା। ଆମର ନାମ, ଯଶ, ଧନ, ସବୁ କିଛି ଚିରକାଳ ପାଇଁ ରହିଯାଆନ୍ତା। ଏହା କ'ଣ କେବେ ସମ୍ଭବ ? ଦୁନିଆରେ ସେମିତି କିଛି ହୁଏନାହିଁ। ଦୁନିଆରେ ଚଳିବା ଅତି କଷ୍ଟକର। ପ୍ରିୟ ପାଠକଗଣ, ଆପଣମାନଙ୍କୁ ବିନମ୍ରତାପୂର୍ବକ ଗୋଟିଏ ନିବେଦନ। ଶ୍ରୀ ସାଇଙ୍କର କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଭଗବାନଙ୍କର ନିକଟତର ହେବାକୁ ଚେଷ୍ଟା କରନ୍ତୁ। ପବିତ୍ର ଜନ୍ମାଷ୍ଟମୀରେ ଏହା ଆମର ଧ୍ୟେୟ ହେଉ।

*ଯୁଗ୍ମ ନିର୍ଦ୍ଦେଶକ 'ଓରମାସ୍', କଟକ,*
*ଦୂରଭାଷ : ୯୪୩୭୬୬୬୪୫୩*




# ବିପର୍ଯ୍ୟସ୍ତ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବିରୁଦ୍ଧରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

ରାଉରକେଲା (ପିଏନ୍): ସ୍ଥାନୀୟ ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଅସାମାଜିକଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହିତ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ଅବୈଧ ମଦ, ଗଞ୍ଜେ, ସଟ୍ଟା, ଜୁଆ ଓ ଡ୍ରଗ୍ସ କାରବାର ଇତ୍ୟାଦି ଅବାଧରେ ଚାଲୁଥିବା ବେଳେ ଚୋରି ବୃଦ୍ଧି ପାଇବାରେ ଲାଗିଛି । ଗୋପବନ୍ଧୁପାଲ୍ଲୀରେ ଅବସ୍ଥିତ ପୋଲିସ୍ ଫାଣ୍ଡି ଅଧିକାରୀ ଏସବୁର ନୀରବ ଦର୍ଶକ ସାଜିଛନ୍ତି । ଅପରପକ୍ଷରେ ପାରସ୍ପରିକ ଗଣ୍ଡଗୋଳ, ଝଗଡାଝାଟି ମାମଲାରେ ଫାଣ୍ଡି ଅଧିକାରୀ ପକ୍ଷପାତ କରିବା ସହିତ ମନ୍ଦ ଉଦ୍ଦେଶ୍ୟ ରଖି ଲୋକଙ୍କୁ ହଇରାଣ ହରକତ କରୁଛନ୍ତି । ଫଳରେ ସମ୍ପୃକ୍ତ ଅଞ୍ଚଳରେ ଅଶାନ୍ତି ବୃଦ୍ଧି ପାଇବା ସହିତ ପୋଲିସ୍ ପ୍ରତି ସାଧାରଣ ଲୋକଙ୍କର ଅନାସ୍ଥା ଭାବ ସୃଷ୍ଟି ହୋଇଛି । ତେଣୁ ଏହାର ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ତରଫରୁ ଗୋପବନ୍ଧୁପାଲ୍ଲୀ ସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣଧାରଣା ଦିଆଯାଇ ସଂଲଗ୍ନ ପୋଲିସ୍ ଫାଣ୍ଡି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାକୁ ଉପସଭାପତି ଦେବବ୍ରତ ବିହାରୀ ସଞ୍ଚାଳନ କରିଥିବା ବେଳେ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ପ୍ରାର୍ଥୀ ବିରେନ ସେନାପତି, ପିସିସି ସମ୍ପାଦକ ସବୀର ହୁସେନ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ପିସିସି ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ଦିଲ୍ଲୀପ ଜେନା, ପ୍ରଦ୍ୟୁମ୍ନ ଷଡଙ୍ଗୀ, ଯୁବନେତା ଶେଖ ସମୀର ପ୍ରମୁଖ ବକ୍ତବ୍ୟ ରଖି ଗୋପବନ୍ଧୁପାଲ୍ଲୀ ଅଞ୍ଚଳରେ ଚାଲିଥିବା ସମସ୍ତ ଅବୈଧ କାରବାରକୁ ଫାଣ୍ଡି ଅଧିକାରୀ ପ୍ରୋତ୍ସାହନ ଦେଉଛନ୍ତି ବୋଲି ଅଭିଯୋଗ କରିଥିଲେ । ଏ ପ୍ରକାର ଜନବିରୋଧି କାର୍ଯ୍ୟରୁ ଫାଣ୍ଡି ଅଧିକାରୀ ନିବୃତ୍ତ ରହିବା ସହିତ ପୋଲିସ୍‌ର ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଫାଣ୍ଡି ଅଧିକାରୀଙ୍କ ଏପରି କାର୍ଯ୍ୟ ଦ୍ୱାରା ଜିଲ୍ଲା ପୋଲିସ୍ ବଦନାମ ହେଉଛି ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରି ସମ୍ପୃକ୍ତ ଅଧିକାରୀଙ୍କ ସମସ୍ତ କାର୍ଯ୍ୟକଳାପର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପୋଲିସ୍ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବକ୍ତାମାନେ ଦାବି କରିଥିଲେ । ଏହି ଅବସରରେ ସଭାପତି ଶ୍ରୀ ତିର୍କୀ ବକ୍ତବ୍ୟ ରଖି ଜିଲ୍ଲା ପୋଲିସ୍ ଅଧୀକ୍ଷକ, ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଥାନା ଅଧିକାରୀ ଭଲ କାମ କରୁଥିବା ବେଳେ ଗୋପବନ୍ଧୁପାଲ୍ଲୀ ଫାଣ୍ଡି ଅଧିକାରୀ କୁକାର୍ଯ୍ୟରେ ଲିପ୍ତରହି ସେମାନଙ୍କ ସୁନାମକୁ ଖରାପ କରୁଛନ୍ତି ବୋଲି କହିଥିଲେ । ତେଣୁ ଆସନ୍ତା ୭ ଦିନ ମଧ୍ୟରେ ଏପରି ଜଣେ ଭ୍ରଷ୍ଟ ଅଧିକାରୀଙ୍କୁ ଉକ୍ତ ପୋଲିସ୍ ଫାଣ୍ଡିରୁ ଅପସାରଣ କରିବା ପାଇଁ ଶ୍ରୀ ତିର୍କୀ ଦାବି କରି ଅନ୍ୟଥା ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଉମେଶ ଶରଣ, କୀର୍ତ୍ତନ ଦାସ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ସାଧାରଣ ସମ୍ପାଦକ ତୁଳସୀ ନାଗ, ସମ୍ପାଦକ ଅମ୍ରିତ କୌର, ସରିତା ଟପ୍ପୋ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ବିଜୟ ପଟ୍ଟନାୟକ, ରେହେମାନ ଖାନ, ସୋନୁ ସାହୁ, ସାକିର ହୁସେନ, ଶ୍ୟାମ ସୁନ୍ଦର ସାମନ୍ତ, କ୍ରିଷ୍ଣା ମୂର୍ତ୍ତି, ବିକି ରଜାକ, ପପୁ ଖାନ, ବିବେକ ସାହୁ, ନିର୍ମଳା ମହାପାତ୍ର, ରାଜୁ ପ୍ରସାଦ, ମୁ ପ୍ରସାଦ, ଡେଭିଡ ପ୍ରଧାନ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ, ସମ୍ପୃକ୍ତ ଅଞ୍ଚଳର ବାସିନ୍ଦା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଡେରାବିଶ ବିକାଶ ପରିଷଦର ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବିକାଶ ପରିଷଦର ଏକ ବୈଠକ ଡେରାବିଶ ପାର୍କ ହାଉସ ପରିସରରେ ପରିଷଦର ସ୍ଥାୟୀ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସିଡିସି ସ୍ୱର୍ଗତ ବିପିନ ରାୱତଙ୍କ ସମେତ ହେଲିକେପ୍ଟର ଦୂର୍ଘଟଣାରେ ଦେହାନ୍ତ ହୋଇଥିବା ୧୪ଜଣ ସେନା ଅଧିକାରୀ ଓ କର୍ମଚାରୀଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦର ସମ୍ପାଦକଙ୍କ ବିୟୋଗ ଯୋଗୁଁ ପରିଷଦର ସଭ୍ୟ ଦିବାକର ନାୟକଙ୍କୁ ନୂତନ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଡେରାବିଶର ବିକାଶ ପାଇଁ ନୂତନ ସମ୍ପାଦକ ଶ୍ରୀ ନାୟକ ସମସ୍ତ ସଭ୍ୟଙ୍କ ସହଯୋଗରେ ଉଦ୍ୟମ ଜାରି ରଖିବେ ବୋଲି ସଙ୍କଳ୍ପ ନେଇଥିଲେ। କେନ୍ଦ୍ରାପଡା ଜିଲ୍ଲାରେ ଏକ ଇସ୍ପାତ ଶିଳ୍ପ ସ୍ଥାପନା ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ ସେଥିପାଇଁ ବୈଠକରେ ସରକାରଙ୍କୁ କୃତଜ୍ଞତା ଅର୍ପଣ କରାଯାଇଥିଲା। ଚଳିତବର୍ଷ ବନ୍ୟା, ବାତ୍ୟା ଯୋଗୁଁ କୃଷକଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଥିବାରୁ ସରକାର ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ନିବେଦନ କରାଯାଇଥିଲା। ଏହି ବୈଠକରେ ଅମ୍ବିକା ପ୍ରସାଦ ରଥ, କ୍ଷୀରୋଦ ଚନ୍ଦ୍ର ସାମଲ, ଗୋଲକ ଚନ୍ଦ୍ର ସାହୁ, ଗୌରାଙ୍ଗ ଚରଣ ସାହୁ, ଅଭିମନ୍ୟୁ ସାହୁ, ପ୍ରସନ୍ନ କୁମାର ସିଂ, ବୈଷ୍ଣବ ଚରଣ ଜେନା, କୃଷ୍ଣ ଚନ୍ଦ୍ର ବଳ, ନିଳମଣୀ ବେହେରାଙ୍କ ସମେତ ପରିଷଦର ବହୁ ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଛକୋରମାଲ ପଂଚାୟତ ବାଦିପଡ଼ିଆ ଗ୍ରାମରେ ଜିଲ୍ଲା ପ୍ରଶାସନର ଜନ ସମ୍ପର୍କ ଶିବିର

ସୁବର୍ଣ୍ଣପୁର,(ପି.ଏନ): ସୋନପୁର ବ୍ଲକ ଅନ୍ତର୍ଗତ ଛକୋରମାଲ ଗ୍ରାମପଂଚାୟତର ବାଦିପଡିଆ ଗ୍ରାମରେ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, ଛକୋରମାଲ ଗ୍ରାମପଂଚାୟତ ସରପଂଚ ଶ୍ରୀମତୀ ଗାୟତ୍ରୀ ସାଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ତଥା ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଜିଲ୍ଲାର ଆଭ୍ୟନ୍ତରୀଣ ଆଦିବାସୀ ବହୁଳ ବାଦିପଡ଼ିଆ ଗ୍ରାମରେ ଜନ ସମ୍ପର୍କ ଶିବିରରେ ଯୋଗଦାନ ପୂର୍ବକ ଜନସାଧାରଣଙ୍କ ଆପତି ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିବା ସହ ଜିଲ୍ଲା ସ୍ତରୀୟ ଅଧିକାରୀ ନିଜ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସହ ଜନସାଧାରଣଙ୍କ ନିମନ୍ତେ ଥିବା ସରକାରଙ୍କ ସୁବିଧା ସୁଯୋଗ, ଯୋଜନା, କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ଏହି ଶିବିର ମାଧ୍ୟମରେ ଜିଲ୍ଲା ପ୍ରଶାସନ ଲୋକଙ୍କ ନିକଟକୁ ପହଂଚି ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ପ୍ରତିକାର ପାଇଁ ତ୍ୱରିତ ପଦକ୍ଷେପ ନେବା ସହିତ ଗ୍ରାମର ସବୁ ବର୍ଗରେ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ଉପରେ ପରାମର୍ଶ ଦେବା ସହିତ ଅଂଚଳର ଜନସାଧାରଣ ଯେପରି ପ୍ରଶାସନ ତରଫରୁ ତ୍ୱରିତ ସେବା ପାଇପାରିବେ ଏବଂ ସେମାନଙ୍କ ଜୀବନ ଜୀବିକାର ଉନ୍ନତି ସହ ସ୍ୱଚ୍ଛ ଓ ସୁସ୍ଥ ରହିବେ ସେଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ନରୱଣେ। ଶିବିରରେ ଜୀବନ ଜୀବିକାର ବିକାଶ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଗ୍ରାମର ହିତାଧିକାରୀଙ୍କୁ ବିଭିନ୍ନ ବିଭାଗୀୟ ସହାୟତା ପ୍ରଦାନ କରାଯାଇଛି ।ଏହି ପରିପ୍ରେକ୍ଷୀରେ ଓଡିଶା ଜୀବିକା ମିଶନ ତରଫରୁ ଆତ୍ମନିର୍ଭର ତଥା ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଗ୍ରାମର ସନ୍ତୋଷୀ ଓ ବାରପାହାଡ଼ ମହିଳା ଏସଏଚଜିଙ୍କୁ ଗୋଷ୍ଠୀ ବିନିଯୋଗ ପାଣ୍ଠି ୫୦ ହଜାର ଲେଖାଏଁ ଏବଂ ଶିବାନୀ ମହିଳା ଏସଏଚଜିଙ୍କୁ ୨ୟ ଥର ପାଇଁ ୮୦ ହଜାର ପ୍ରଦାନ କରାଯାଇଛି। ଜିଲ୍ଲା ସମାଜ ମଙ୍ଗଳ ବିଭାଗ ତରଫରୁ ୩ ଜଣଙ୍କୁ ମମତା ଯୋଜନାରେ ପ୍ରଥମ କିସ୍ତିରେ ପ୍ରତ୍ୟେକଙ୍କୁ ୩ ହଜାର ଲେଖାଏଁ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ୧୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇ ମାସକୁ ୫୦୦ ଟଙ୍କା ଲେଖାଏଁ ଭତା ବ୍ୟାଙ୍କ ଯୋଗେ ପାଇବା ପାଇଁ ମଞ୍ଜୁର କରାଯାଇଛି। ଜିଲ୍ଲା ପ୍ରାଣୀଧନ ବିଭାଗ ତରଫରୁ ଗ୍ରାମର ୮ ଜଣ ଯୋଗ୍ୟ ହିତାଧିକାରୀ ପ୍ରତ୍ୟେକଙ୍କୁ ୫୦ ଟି ଲେଖାଏଁ କୁକୁଡ଼ା ଛିଆଁ (୨ ମାସର )ସହ କୁକୁଡ଼ା ଘର ନିମନ୍ତେ ୫୦୦/- ଟଙ୍କାର ଆର୍ଥିକ ସହାୟତାରେ ପୌଲଟ୍ରି ସେଡ ନିର୍ମାଣ ନିମନ୍ତେ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ପୁନଶ୍ଚ ଗ୍ରାମର ୨୦ ଜଣ ହିତାଧିକାରୀଙ୍କୁ କୃଷି ବିଭାଗ ତରଫରୁ ଆତ୍ମା ପ୍ରକଳ୍ପ ଜରିଆରେ ପନିପରିବା ଚାଷ ନିମନ୍ତେ ପନିପରିବା ମଞ୍ଜି କିଟ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ତରଫରୁ ଗ୍ରାମର ଚାଷୀ ପରିବାରଙ୍କୁ ଫଳ ଗଛ ଚାରା ମାଗଣାରେ ବଂଟନ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ସିଏଚସି ନାଇକେନପାଲି ଦ୍ୱାରା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ଗ୍ରାମର ଜନସାଧାରଣ ଅଂଚଳର ବିଶେଷ ସମସ୍ୟା ସହ ବ୍ୟକ୍ତିଗତ ସମସ୍ୟା ଓ ଅଭିଯୋଗ ଗୁଡିକୁ ଜିଲ୍ଲା ପ୍ରଶାସନ ଆଗରେ ଉପସ୍ଥାପନ କରିଥିଲେ ।ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ ତଥା ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରଥିଲେ। ପୂର୍ବତନ ସରପଂଚ ଛକୋରମାଲ ଗ୍ରାମପଂଚାୟତ ଶ୍ରୀ ଶଙ୍କର ପ୍ରସାଦ ସା କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିନିକିଆ ସଚେତନ ଓ ଆଭିମୁଖ୍ୟକରଣ କାର୍ଯ୍ୟକ୍ରମ

ମାଲକାନଗିରି, (ପି.ଏନ): ମାଲକାନଗିରି ପୋଲିସ ପ୍ରଶାସନ ଓ ସିଭିଲ ସୋସାଇଟିର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଇଞ୍ଜିନିୟରିଂ ସ୍କୁଲ ପରିସରରେ ଆଜି ଏକ ଦିନିକିଆ ସଚେତନ ଓ ଆଭିମୁଖ୍ୟକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ନୀତିଶ ୱାଧବାନି ଯୋଗଦେଇ ଅଂଶଗ୍ରହଣକାରି ମାନଙ୍କୁ କଠିନ ପରିଶ୍ରମ କରି ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିବା ସହ ସମ୍ପୁର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଆଇଟିଡିଏ ପ୍ରଶାସକ ତ୍ରିନାଥ ମାଝୀ ନିଜର ଉଦାହରଣ ଉପସ୍ଥାପନ କରି ପିଲାଙ୍କୁ କଠିନ ପରିଶ୍ରମ ପୂର୍ବକ ନିଜର ଲକ୍ଷ୍ୟ ସ୍ଥଳରେ ପହଁଚିବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଶିକ୍ଷା ଓ କର୍ମ ଚୟନ ଉପରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ପୋଲିସ ଇଂଟରଭ୍ୟୁ ପାଇଁ ପ୍ରସ୍ତୁତି ହୋଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ସମସ୍ତ ପ୍ରକାର ସହଯୋଗ ଦେବାର ଘୋଷଣା କରିଥିଲେ। ମାଲକାନଗିରି ଜିଲ୍ଲାର ସାତଟି ବ୍ଲକରୁ ପ୍ରାୟ ଚାରି ଶହରୁ ଉର୍ଦ୍ଧ୍ୱ ଯୁବକ ଓ ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ। ଦୁଇଟି ପ୍ରକୋଷ୍ଠରେ ସାଧନ କର୍ମୀ ଭାବେ ରବିନ୍ଦ୍ର କୁମାର ମହାରଣା, ସୀମାଞ୍ଚଳ ପଣ୍ଡା, ଈଶ୍ୱର ରାଓ, ବିପ୍ଳବ ଦେବନାଥ, ରାମପ୍ରସାଦ ପାଢ଼ୀ, ବିଜୟ ମିସ୍ତ୍ରୀ ଓ ଡିଆରସିସି ରାଖେଲ ଦ୍ୱେବ୍ରତ ମହାରଣା ପ୍ରମୁଖ ଶଇକ୍ଷିକ କୌଶଳ ଯୋଗାଇ ଦେଇଥିଲେ। ଏହିଭଳି ମହାନ କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ କରାଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ଖୁସିର ଲହରୀ ଖେଳିଯାଇଛି। ଇଂଜିନିୟରିଂ ସ୍କୁଲର କୌଶିକ ଓ ଅଣ କୌଶିକି କର୍ମଚାରୀ ମାନେ ସମସ୍ତ ସହଯୋଗ ଯୋଗାଇ ଦେଇଥିଲେ। ତଫସିଲଭୁକ୍ତ ଜାତି, ଜନଜାତି, ପଛୁଆବର୍ଗ ତଥା ସାମାଜିକ ଓ ଆର୍ଥିକ ଅନଗ୍ରସର ଯୁବପିଢ଼ି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ରବିନ୍ଦ୍ର ମହାରଣା କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ୨୪ତମ ବାର୍ଷିକୋତ୍ସବ ପାଳିତ

ଭୁବନେଶ୍ୱର (ପିଏନ୍): ସାହିତ୍ୟର ଆଭିମୁଖ୍ୟ ଭାଙ୍ଗିବା ନୁହେଁ ଗଢ଼ିବା, ନେବା ନୁହେଁ ଦେବା । ଯଦିଓ ସମ୍ପ୍ରେଷଣର ମାଧ୍ୟମ ଭାଷା ତଥାପି ଆଖିଠାର କିମ୍ବା ଅବୟବର ଯେକୌଣସି ଈଶାରାରେ ଭାବକୁ ବ୍ୟକ୍ତ କରାଯାଇପାରେ । ସମୟ ଆସିଛି ଭାଷାଗତ ସଂକୀର୍ଣ୍ଣତା ଦୂରକରି ଅନୁବାଦ ମାଧ୍ୟମରେ ଭାରତୀୟ ଭାଷାମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ଓଡ଼ିଆ ଭାଷା, ସାହିତ୍ୟକୁ ସର୍ବବ୍ୟାପୀ ଓ ସର୍ବଗ୍ରାହୀ କରିବାକୁ ହେବ ବୋଲି ଭାରତୀୟ ବିଦ୍ୟାଭବନରେ କବି ତଥା ଅନୁବାଦକ ଶ୍ରୀ ନାରାୟଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଓଡ଼ିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ୨୪ତମ ବାର୍ଷିକୋତ୍ସବର ଭାଷା, ସାହିତ୍ୟ ଓ ଅନୁବାଦ ସମାରୋହରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଶ୍ରୀ ରଂଜନ କୁମାର ଦାସ ଓଡ଼ିଆ ଭାଷା, ସାହିତ୍ୟର ମାଧୂର୍ଯ୍ୟକୁ ଶ୍ରୀବୃଦ୍ଧି କରିବାରେ ରାଜଭାଷା ବିକାଶ ପରିଷଦର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ।।

ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ ତ୍ରିପାଠୀ, ଭୁବନେଶ୍ୱର ସାହିତ୍ୟ ସମାଜର ସଭାପତି ଶ୍ରୀ ସୂର୍ଯ୍ୟ ମିଶ୍ର, ପୂଜ୍ୟ ପୂଜା ସଂସ୍କୃତି ଅଭିଯାନର ଅଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, କବି ପିତାମ୍ବର ତରାଇ, କବି ପଞ୍ଚାନନ ସାହୁ ନିଜ ନିଜର ବକ୍ତବ୍ୟରେ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷାର ମୌଳିକତା, ଶବ୍ଦଶକ୍ତି, ଭାଷା-ଶୈଳୀ ଏବଂ ଅନୁବାଦ କଳା କୌଶଳର ସ୍ୱତନ୍ତ୍ର ପରିଚୟ ବର୍ଣ୍ଣନା କରିବା ସଂଗେ ସଂଗେ ହିନ୍ଦୀ ଭାଷା ସହିତ ସମନ୍ୱୟ ରକ୍ଷା କରି ଓଡ଼ିଆ ଭାଷା ସାହିତ୍ୟକୁ ବିକାଶ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ ।

ପରିଷଦର ଅଧ୍ୟକ୍ଷ କବି ତଥା ଅନୁବାଦକ ନାରାୟଣ ମୁଦୁଲିଙ୍କ ଦ୍ୱାରା ଅନୁଦିତ ଏବଂ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ବର୍ତ୍ତମାନ ସମୟର ୪୦ ଜଣ ପ୍ରବୀଣ ଓ ନବୀନ କବିମାନଙ୍କର ମୋଟ ୧୪୦ଟି ଓଡ଼ିଆ କବିତାକୁ ନେଇ ହିନ୍ଦୀରେ ଅନୁବାଦ ପୁସ୍ତକ 'ସମକାଳୀନ ଓଡ଼ିଆ କବିତାଓଂ କା ହିନ୍ଦୀ ଅନୁବାଦ'କୁ ହିନ୍ଦୀ ପ୍ରଶିକ୍ଷଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ. ଅଜିତ କୁମାର ମହାପାତ୍ର ସମୀକ୍ଷା କରିଥିଲେ । ସଂସ୍କୃତି ବିଭାଗର ଅନୁଶାସନସଚିବ ଶ୍ରୀ ଲକ୍ଷ୍ମୀଧର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷାବିତ୍ ଶ୍ରୀ ଅଲେଖ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସମାରୋହରେ କବି ରଂଜନ କୁମାର ଦାସଙ୍କୁ ଧର୍ମବୀର ଭାରତୀ କବିତା ସମ୍ମାନ, କବି ପିତାମ୍ବର ତରାଇଙ୍କୁ ସୂର୍ଯ୍ୟକାନ୍ତ ନିରାଲା ସମ୍ମାନ, ପ୍ରଦ୍ୟୁମ୍ନ ଶତପଥୀଙ୍କୁ ଖାଣ୍ଟି ଓଡ଼ିଆ ସମ୍ମାନରେ ସମ୍ମାନିତ କରାଯିବା ସଂଗେ ସଂଗେ ଅନ୍ୟ କବିମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା ।

## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

## ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ରାଜ୍ୟସଭା ସାଂସଦ ସୁବାଷ ସିଂଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ରାଜ୍ୟସଭା ସାଂସଦ ସୁବାଷ ସିଂଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରାଯାଇଛି । ଏହି ଉପଲକ୍ଷେ ଜିଲ୍ଲା ଓକିଲ ସଂଘର ସଭାପତି ଆଶୁତୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓକିଲମାନଙ୍କ ପକ୍ଷରୁ ଏକ ଦାବୀପତ୍ର ସାଂସଦ ଶ୍ରୀ ସିଂଙ୍କୁ ପ୍ରଦାନ କରାଯାଇଥିଲା। ରାଜ୍ୟସଭା ସାଂସଦ ଶ୍ରୀ ସିଂ ଜିଲ୍ଲାର ସର୍ବପୁରାତନ ଜିଲ୍ଲା ଓକିଲ ସଂଘର ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ପ୍ରତିଶୃତି ଦେଇଥିଲେ। ଏହି ସଭାରେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସେକ ଅଜିମୁଦ୍ଦିନ, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ବରିଷ୍ଠ ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତି, ଗଗନବିହାରୀ ଜେନା, ବିଭୁ ପ୍ରସାଦ ସିଂ, ରଞ୍ଜନ କୁମାର ପଣ୍ଡା, ନିରଞ୍ଜନ ବଳ, ଭୀମସେନ ଭୂୟାଁ, ବ୍ରଜ ସୁନ୍ଦର ରାଉତ, ମାନସ ମହାନ୍ତି, ସ୍ମୃତିରଂଜନ ସିଂ, ହାଡିବନ୍ଧୁ ସିଂ, ନିତ୍ୟାନନ୍ଦ ସ୍ୱାଇଁ, ଅରୁଣ ପ୍ରସାଦ ଦାସ, ଦିନେଶରାଜ ସିଂ, ଚୌଧୁରୀ ସୁବାଷ ଚନ୍ଦ୍ର ମିଶ୍ର, ବିରେନ୍ଦ୍ର ଦାସ, ରାଧାଶ୍ୟାମ ଚାନ୍ଦ, ଅଫସର ଅଲ୍ଲୀ ବକ୍ସ, ପ୍ରଭାତ ପ୍ରଧାନ, ଆଶିଷ ସାମଲ, ରେଣୁବାଳା ସାମଲ, ଦୀପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପିର ମିଶ୍ରଣ ପର୍ବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ସଂପାରୁ ପଂଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବିଜେପି ନେତ୍ରୀ ସ୍ମୃତିରେଖା ପହି ଅତିଥି ଭାବେ ଯୋଗଦେଇଥିଲେ। ଶତାଧିକ ଯୁବକ ଅନ୍ୟ ଦଳ ଛାଡି ବିଜେପିରେ ଯୋଗଦେଇଥିଲେ। ଶ୍ରୀମତୀ ପହି ସେମାନଙ୍କୁ ଦଳୀୟ ଟୋପି ଓ ଉତରୀୟ ଦେଇ ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ କରୁଣାକର ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଚନ୍ଦ୍ରମଣି ପଣ୍ଡିତ, ମାନସ ମହାନ୍ତି, ଦୁଃଶାସନ ଘଡାଇ, ବିଭୂତି ଭୂଷଣ ଜେନା, ହିମାଂଶୁ ମହାପାତ୍ର, ତପନ ମାହୁନ୍ତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏହି ମିଶ୍ରଣ ପର୍ବରେ ରାଜା ସାହୁ, ବାବୁ ସାହୁ, ଅଶୋକ ସାହୁ, ବୁଲା ବେହେରା, ବୀର ସାହୁ, ନିରଂଜନ ମଲିକ, ଆତୁଲ ମଲିକ, ଦେବ ମଲିକ ପ୍ରମୁଖ ଶତାଧିକ ଯୁବକ ଅନ୍ୟଦଳ ଛାଡି ଦଳରେ ଯୋଗଦେଇଥିଲେ।

## ବରିଷ୍ଠ ନାଗରିକ ମଂଚର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲା ବରିଷ୍ଠ ନାଗରିକ ମଂଚର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଦିବସ ଗତ ମାସ ୨୯ ତାରିଖ ଅପରାହ୍ନ ୨ଘଟିକା ସମୟରେ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସଭାପତି ଜ୍ଞାନରଂଜନ ଦାଶଙ୍କ ପୌରୋହିତ୍ୟରେ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସର୍ବଶ୍ରୀ ଭୀମସେନ ପ୍ରଧାନ, ସତ୍ୟବାଦୀ ବଳିଆରସିଂହ, ବୈକୁଣ୍ଠନାଥ ରାଜଗୁରୁ, ଗୋବିନ୍ଦ ଚନ୍ଦ୍ର ମହାରଣା, ବୈକୁଣ୍ଠନାଥ ମହାପାତ୍ର, ବସନ୍ତ କୁମାର ଦାଶ, ସମରଜିତ୍ ପଟ୍ଟନାୟକ, ନାରାୟଣ ଦାସ, ବିରଂଚି ନାରାୟଣ ଚହଟରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତିଷ୍ଠା ଦିବସରେ ସ୍ଥାନୀୟ ବିଧାୟକ ଜିତୁ ମିତ୍ର, ଜିଲା ଯୋଜନା ବୋର୍ଡ ଉପାଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ, ଖୋର୍ଦ୍ଧା ଜିଲାପାଳ, ଉପ-ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ପୌର ପରିଷଦ ନିର୍ବାହୀ ଅଧିକାରୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବରେ ସମ୍ମାନ ସମ୍ବର୍ଦ୍ଧନା ସହ ଏକ ମୁଖପତ୍ର ଉନ୍ମୋଚିତ ହୋଇଥିବା ବରିଷ୍ଠ ନାଗରିକ ମଂଚର ସଂପାଦକ ରାମଶଂକର ଜଣାଇଥିଲେ। ଏହି ଅବସରରେ ପରିଚୟ ପତ୍ର ପାଇନଥିବା ବରିଷ୍ଠ ନାଗରିକମାନଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନା ପକ୍ଷରୁ ପରିଚୟ ପତ୍ର ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

## ଡାକ୍ତର ଅଲେଖ ଚନ୍ଦ୍ର ଦାସ ସ୍ମୃତି ସମ୍ମାନ ପାଇଲେ ଏଡିଏମଓ ଡା. ମିଶ୍ର




କେନ୍ଦ୍ରାପଡ଼ା (ପିଏନ୍): ଜିଲ୍ଲା ବୋଇତ ବନ୍ଦାଣ ସମିତି,କେନ୍ଦ୍ରାପଡା ପକ୍ଷରୁ ବୁଧବାର ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା.ସଚ୍ଚିଦାନନ୍ଦ ମିଶ୍ରଙ୍କୁ କୋଭିଡ ସମୟର ଉତ୍ସର୍ଗୀକୃତ ସେବା ପାଇଁ ଡାକ୍ତର ଅଲେଖ ଚନ୍ଦ୍ର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଦିପ କୁମାର ମହାନ୍ତି, ସମ୍ପାଦକ ସଞ୍ଜୟ ରାଉତ, ସଭ୍ୟ ବୈଷ୍ଣବ ଚରଣ ପ୍ରଧାନ, ଚିତ୍ତରଞ୍ଜନ ଦାସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକ ଓ ଏଡିଏମଓ ଡା. ନୃପେଶ ଶତପଥୀ ପ୍ରମୁଖ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା କୋଭିଡର ଜିଲ୍ଲା ନୋଡାଲ ଅଧିକାରୀ ଡା. ମିଶ୍ରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ବିଶ୍ୱଜୀବନ ସେବାସଂଘ ସଭାପତି ଜଗନ୍ନାଥ ସେଠୀଙ୍କ ପରଲୋକ

ଖୋର୍ଦ୍ଧା (ପିଏନ୍): ଶରଧାପୁର ବିଶ୍ୱଜୀବନ ସେବାସଂଘର ସଭାପତି ତଥା ଖୋର୍ଦ୍ଧା ବ୍ଲକର ଅବସରପ୍ରାପ୍ତ ବିଆରସିସି ଜଗନ୍ନାଥ ସେଠୀଙ୍କର ୬୫ ବର୍ଷ ବୟସରେ ପୁରୀର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ନିଜ ଗ୍ରାମ ଶରଧାପୁର ଭୀମେଶ୍ୱର ହାଇସ୍କୁଲ ପ୍ରତିଷ୍ଠାରେ ତାଂକର ଅଗ୍ରଣୀ ଭୂମିକା ରହିଥିଲା। ରାଜ୍ୟର ଜଣାଶୁଣା ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଶ୍ୱ ଜୀବନ ସେବାସଂଘର ସଭାପତି ଭାବେ ବହୁ ଉନ୍ନତିମୂଳକ କାର୍ଯ୍ୟରେ ସେ ବ୍ରତୀ ଥିଲେ ବୋଲି ଶୋକପ୍ରକାଶ କରି ସେବାସଂଘର ସାଧାରଣ ସଂପାଦକ ବୈଦ୍ୟନାଥ ବରାଳ ମତ ଦେଇଛନ୍ତି। ସ୍ୱର୍ଗତ ସେଠୀ ଖୋର୍ଦ୍ଧା କୋଣାର୍କ ନଗରରେ ସ୍ଥାୟୀ ଭାବେ ଗତ ୧୨ ବର୍ଷ ହେବ ରହୁଥିଲେ। ତାଂକ ମୃତ୍ୟୁରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ, ରାଜ୍ୟ ୟୁଜିମିଇ ସ୍କୁଲ ଶିକ୍ଷକ ସଂଘ ସଭାପତି ରବି ଶତପଥୀ, ଦିବାକର ପଟ୍ଟନାୟକ, ଗୁଣନିଧି ମହାପାତ୍ର, ରତ୍ନାକର ରଣସିଂହ, ଗୋଦାବରୀଶ ପାଇକରାୟ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ପ୍ରଜ୍ଞାପନ ମେଢ ବାଦ୍ ପଡିବା ଏକ ଷଡଯନ୍ତ୍ର

ଭୁବନେଶ୍ୱର (ପିଏନ୍): ଆସନ୍ତା ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସରୁ ଓଡିଶାର ପ୍ରଜ୍ଞାପନ ମେଢ ବାଦ୍ ପଡିବା ନିନ୍ଦନୀୟ । ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ ମଡେଲଟି ତିନିଥର ଚୟନ କମିଟିରେ ଗ୍ରହଣ ହୋଇଥିବା ବେଳେ ଚତୁର୍ଥ ତଥା ଶେଷ ଚୟନ କମିଟିକୁ ମଡେଲ ଉପସ୍ଥାପନା ପାଇଁ ଡକାନଯିବା ଦୁର୍ଭାଗ୍ୟଜନକ । ନିକଟରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିଥିବା ବେଳେ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ ମଡେଲକୁ ଜାତୀୟ ସାଧାରଣତନ୍ତ୍ର ଦିବସରେ ସାମିଲ କରାଇ ନଦେବା ପାଇଁ ଷଡଯନ୍ତ୍ର ହୋଇଥିବାର ସନ୍ଦେହ ହେଉଛି । ଉତ୍କଳ ସମ୍ମିଳନୀ ଏହାକୁ ବିରୋଧ କରୁଛି ଓ ଏହା ଏକ ଯୋଜନାବଦ୍ଧ ଷଡଯନ୍ତ୍ର ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ଯୋଗେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି। ଉତ୍କଳ ସମ୍ମିଳନୀ ମହାମହିମ ରାଷ୍ଟ୍ରପତିଙ୍କ ନିକଟକୁ ପତ୍ର ଲେଖିବ ବୋଲି ଶ୍ରୀ ଦାଶଶର୍ମା କହିଛନ୍ତି ।




## ମନ୍ତ୍ରୀ ନବକିଶୋର ଦାସ ହତ୍ୟା ମାମଲା : ଅଭିଯୁକ୍ତ ଗୋପାଳର ଲେୟାର୍ଡ ଭଏସ ଟେଷ୍ଟ ଓ ସାଇକୋଲୋଜିକାଲ ଆସେସମେଂଟ ଟେଷ୍ଟ କରାଯିବ

ଝାରସୁଗୁଡ଼ା, (ପି.ଏନ): ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟା ମାମଲାର ତଦନ୍ତ କରୁଛି କ୍ରାଇମବ୍ରାଂଚ । ମାମଲାରେ ଅଭିଯୁକ୍ତ ପୋଲିସ ଏଏସଆଇ ଗୋପାଳ ଦାସକୁ ୪ ଦିନିଆ ରିମାଣ୍ଡରେ ନେଇ ପଚରା ଉଚରା ଜାରୀ ରଖିଛି କ୍ରାଇମବ୍ରାଂଚ । ଆଜି ରିମାଣ୍ଡର ତୃତୀୟ ଦିନ । କ୍ରାଇମବ୍ରାଂଚ ଏଡିଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ ମାମଲା ତଦନ୍ତ ଚାଲିଥିବା ବେଳେ ଆଜି ଦିଲ୍ଲୀ ସେଂଟ୍ରାଲ ଫରେନସିକ ସାଇନ୍ସ ଲାବୋରୋଟାରୀ(ସିଏଫଏସଏଲ) ଟିମ୍ ଝାରସୁଗୁଡ଼ାରେ ପହଂଚିଛି । ଦିଲ୍ଲୀ ସିଏଫଏସଏଲ ଟିମ୍ ସହାୟତାରେ ଅଭିଯୁକ୍ତ ଗୋପାଳ ଦାସର ଲେୟାର୍ଡ ଭଏସ ଟେଷ୍ଟ କରାଯିବ । ଗୋପାଳର ସାଇକୋଲୋଜିକାଲ ଆସେସମେଂଟ ଟେଷ୍ଟ ମଧ କରାଯିବ । ଆସନ୍ତାକାଲି ଦୁଇଟି ଟେଷ୍ଟ କରାଯିବା ନେଇ କ୍ରାଇମବ୍ରାଂଚ ସୂତ୍ରରୁ ସୂଚନା ମିଳିଛି ।ବୟାନରେ ତାଳମେଳ ନରହିବା, ପ୍ରଥମ ଦିନରୁ ଅଭିଯୁକ୍ତ ଗୋପାଳ ତଦନ୍ତକାରୀ ସଂସ୍ଥାକୁ ଦିଗହରା କରିବାକୁ ଚେଷ୍ଟା କରୁଥିବାରୁ କ୍ରାଇମବ୍ରାଂଚ ଏନେଇ ଏସଏଫଏସଏଲ ଓ ସିଏଫଏସଏଲ ସହିତ ଯୋଗାଯୋଗରେ ଥିଲା। ଅଭିଯୁକ୍ତ ଗୋପାଳର ମେଡିକାଲ ଟେଷ୍ଟ କରାଯିବ । ପରେ ଏହି ଦୁଇଟି ଟେଷ୍ଟ କରାଯିବ । ଲେୟାର୍ଡ ଭଏସ ଟେଷ୍ଟ ଦ୍ୱାରା ଗୋପାଳ କେତେ ସତ କହୁଛି, କେତେ ମିଛ କହୁଛି ତାହା ଧରାପଡିବ । ଏଥିରେ ଏକ ମେସିନ ଦ୍ୱାରା ଅଭିଯୁକ୍ତର ଭଏସକୁ ମ୍ୟାଚ୍ କରାଯାଏ । ଭଏସର ଫ୍ରିକ୍ୱେନ୍ସିକୁ ମ୍ୟାଚ କରାଯାଏ । ଯାହାଦ୍ୱାରା କି, ସମ୍ପୃକ୍ତ ବ୍ୟକ୍ତି ମିଛ କହୁଛନ୍ତି କିମ୍ବା ସତ କହୁଛନ୍ତି ତାହା ଜଣାପଡେ । ସେହିପରି ସାଇକୋଲୋଜିକାଲ ଆସେସମେଂଟ ଟେଷ୍ଟରେ ସିଏଫଏସଏଲର ବରିଷ୍ଠ ସାଇଂଟିଫିକ୍ ଅଫିସର ଏବଂ ସାଇକୋଲୋଜିଷ୍ଟ ମାନେ ତାଙ୍କର ମାନସିକ ସ୍ଥିତି ନେଇ ପଚରା ଉଚରା କରିବେ । ଯାହାଦ୍ୱାରା ବର୍ତମାନ ଅଭିଯୁକ୍ତ ଗୋପାଳର ମାନସିକ ସ୍ଥିତି କିଭଳି ରହିଛି ତାହା ସ୍ପଷ୍ଟ ହେବ । ପୂର୍ବରୁ ଘଟଣାସ୍ଥଳରୁ ଜବତ ଗୁଳି, ଅଭିଯୁକ୍ତ ନିକଟରୁ ଜବତ ୯ ଏମଏମ ପିସ୍ତଲ, ନବ ଦାସଙ୍କ ରକ୍ତ ଭିଜା ଡ୍ରେସ୍, ମେଡ଼ିକାଲ ରିପୋର୍ଟ ଓ ଭିସେରା ରିପୋର୍ଟକୁ ମଧ ଏସଏଫଏସଏଲକୁ ପଠାଯାଇଛି । ଗୋପାଳ ମନ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିବା କ୍ରାଇମବ୍ରାଂଚ ଏଡିଜି ଅରୁଣ ବୋଥ୍ରାଙ୍କ ନିକଟରେ ଜେରା ବେଳେ ସ୍ୱୀକାର କରିଛି । ତେବେ ହତ୍ୟାକାଣ୍ଡର ଉଦ୍ଦେଶ୍ୟ କଣ ଥିଲା ତାହା ଜାଣିବାକୁ ଚେଷ୍ଟା କରୁଛି କ୍ରାଇମବ୍ରାଂଚ । ଗତକାଲି ଝାରସୁଗୁଡ଼ା ବିମାନ ବନ୍ଦର ଥାନା ପରିସରରେ ଥିବା ଲାଟିନ୍ ଟାଙ୍କିରୁ ଗୋପାଳର ହାତଲେଖା ୧୨ ଖଣ୍ଡ କାଗଜ ଟୁକୁଡ଼ା ପାଇଛି କ୍ରାଇମବ୍ରାଂଚ । ଏଥିରୁ ମଧ କିଛି ତଥ୍ୟ ପାଇବା ଆଶାରେ ରହିଛି କ୍ରାଇମବ୍ରାଂଚ । ପ୍ରକାଶ ଥାଉକି, ଗତ ୨୯ ତାରିଖ ମଧ୍ୟାହ୍ନରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ବ୍ରଜରାଜନଗର ଗାନ୍ଧି ଛକରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋରଙ୍କ ଉପରେ ଗୁଳିମାଡ଼ ହୋଇଥିଲା। ତାଙ୍କ ଛାତିରେ ଗୁଳି ବାଜିଥିଲା । ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ସେହିଦିନ ସନ୍ଧ୍ୟାରେ ୬୧ ବର୍ଷିୟ ନବକିଶୋରଙ୍କ ପରଲୋକ ଘଟିଥିଲା ।

## ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟା ମାମଲା : ଅଭିଯୁକ୍ତ ଗୋପାଳର କ୍ୱାର୍ଟର୍ସରେ କ୍ରାଇମବ୍ରାଂଚ ଟିମ୍ ର ଛାନଭିନ୍

ଝାରସୁଗୁଡ଼ା/ଗଞ୍ଜାମ, (ପି.ଏନ): ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ଗୋପାଳ ଦାସକୁ ୪ ଦିନିଆ ରିମାଣ୍ଡରେ ନେଇ ପଚରା ଉଚରା ଜାରୀ ରଖିଛି କ୍ରାଇମବ୍ରାଂଚ । ଆଜି ରିମାଣ୍ଡର ତୃତୀୟ ଦିନ ତଥା ତଦନ୍ତର ଷଷ୍ଠ ଦିନରେ ଝାରସୁଗୁଡ଼ା ବ୍ରଜରାଜନଗର ଓରିଏଂଟ ଥାନା ଅନ୍ତର୍ଗତ ବୁଧିଯାମ ଠାରେ ଥିବା ଗୋପାଳର କ୍ୱାର୍ଟର୍ସରେ ପହଂଚି ଛାନଭିନ୍ କରିଥିଲା କ୍ରାଇମବ୍ରାଂଚ ଟିମ୍ । କ୍ରାଇମବ୍ରାଂଚ ଟିମ୍ ସହିତ ଅଭିଯୁକ୍ତ ଗୋପାଳ ମଧ ସେଠାରେ ଉପସ୍ଥିତ ରହିଥିଲା । ଆଜି କଡ଼ା ସୁରକ୍ଷା ମଧ୍ୟରେ ଗୋପାଳକୁ ସେଠାକୁ ନେଇ ଛାନଭିନ୍ କରିଛି କ୍ରାଇମବ୍ରାଂଚ । ପ୍ରାୟ ୬ ଘଂଟା ଧରି ସେଠାରେ ଛାନଭିନ୍ କରିଥିଲା ତଦନ୍ତକାରୀ ଟିମ୍। ଗତ ୨୮ ତାରିଖ ଯାଏଁ ସେହି ଘରେ ରହୁଥିଲା ଗୋପାଳ । ବଡଭାଇ ସତ୍ୟ ନାରାୟଣ ଦାସ ମଧ ସେଠାରେ ରହୁଥିଲେ । ତେବେ ଆଉ କିଏ କିଏ ସେଠାକୁ ଆସୁଥିଲେ । ମନ୍ତ୍ରୀଙ୍କୁ ହତ୍ୟା ନେଇ ସେଠାରେ କୌଣସି ଯୋଜନା କରିଥିଲେ କି । ସେନେଇ ତନ୍ନ ତନ୍ନ କରି ଯାଂଚ୍ କରିଛି ଟିମ୍ । ଏହାପରେ ଗୋପାଳକୁ ଗାନ୍ଧିଛକ ଫାଣ୍ଡିକୁ ନିଆଯାଇଥିଲା । ଏଡିଜି ଅରୁଣ ବୋଥ୍ରାଙ୍କ ନେତୃତ୍ୱରେ କ୍ରାଇମବ୍ରାଂଚର ତିନୋଟି ଟିମ୍ ମାମଲାର ତଦନ୍ତ କରୁଛନ୍ତି । କ୍ରାଇମବ୍ରାଂଚକୁ ତଦନ୍ତରେ ସହାୟତା ପାଇଁ ଆଜି ଦିଲ୍ଲୀ ସେଂଟ୍ରାଲ ଫରେନସିକ ସାଇନ୍ସ ଲାବୋରୋଟାରୀ(ସିଏଫଏସଏଲ)

## ଟାଇପ ରାଇଟର ଯୁଗ ଶେଷ ହେବାକୁ ବସିଲାଣି

ପୁରୀ, (ପି.ଏନ): ଆସ୍ତେ ଆସ୍ତେ ହଜି ଯିବାକୁ ବସିଲାଣି ଟାଇପ ରାଇଟର ମେସିନ୍ । କେବଳ ଅଦାଲତ ନିକଟରେ କିଛି ଟାଇପ ରାଇଟର ଦଲିଲ ଦସ୍ତାବିଜ ଓ ଆଫିଟେଫିଟ୍ ଏଗ୍ରୀମେଂଟ ପାଇଁ ବ୍ୟବହାର ହେଉଛି । ସେତେବେଳେ ବଜାରରେ ଓ କଚେରି ନିକଟରେ ଅନେକ ଟାଇପ ରାଇଟର ଦୋକାନ ଦେଖିବାକୁ ମିଳୁଥିଲା । ପୁରୀ ବଳଗଣ୍ଡି ଛକ ଓ ଉପର ନୂଆସାହିରେ ଟାଇପ ରାଇଟର ଶିକ୍ଷା କେନ୍ଦ୍ର ରହିଥିଲା । ତାହା ଏବେ ବନ୍ଦ ହୋଇଗଲାଣି । ମାଟ୍ରିକ ପାସ ପରେ ଚାକିରି ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀମାନେ ଷ୍ଟେନୋ ଓ ଟାଇପିଷ୍ଟ ଶିକ୍ଷା ଗ୍ରହଣ କରୁଥିଲେ । ଏବେ ଟାଇପ ରାଇଟର ବଦଳରେ ଛାତ୍ରଛାତ୍ରୀମାନେ ଡ଼ିଟିପି ଶିଖୁଛନ୍ତି । ପୁରୁଣା ସହର ପୁରୀରେ ଅଦାଲତର କାର୍ଯ୍ୟ ପାଇଁ କୋର୍ଟ ଭିତରେ ଟାଇପ ରାଇଟର ରହୁଥିବା ବେଳେ ବିଭିନ୍ନ ଦଲିଲ ଓ ଦସ୍ତାବିଜ୍ର ନକଲ ଦେବା ପାଇଁ ଟାଇପ ରାଇଟର ହଲ ରହିଥିଲା । ଏହାବ୍ୟତିତ ଓକିଲମାନେ ବିଭିନ୍ନ କାର୍ଯ୍ୟ ପାଇଁ ବାହାରେ ଥିବା ଟାଇପ୍ ରାଇଟରଙ୍କ ଉପରେ ନିର୍ଭର କରୁଥିଲେ । ଟାଇପ ରାଇଟର ହଲ ହେବା ପରେ ସେଠାରେ ୨୦ରୁ ଉର୍ଦ୍ଧ୍ୱ ଟାଇପିଷ୍ଟ କାର୍ଯ୍ୟ କରୁଥିଲେ । ଏବେ ମାତ୍ର ୭/୮ ଜଣ ଟାଇପିଷ୍ଟ କାର୍ଯ୍ୟ କରୁଛନ୍ତି । କାମ କମି ଯିବାରୁ କେତେକ ବୃତି ବଦଳାଇ ଅନ୍ୟ କାର୍ଯ୍ୟ କଲେଣି । ତଥାପି ଶେଷ ଟାଇପିଷ୍ଟ ହିସାବରେ ଏମାନେ କାର୍ଯ୍ୟ କରୁଥିବା ବେଳେ ନୂଆ ଟାଇପିଷ୍ଟ କେହି ଯୋଗ ଦେଉନାହାନ୍ତି । ଯେଉଁ ଟାଇପିଷ୍ଟ ସ୍ୱର୍ଗବାସ କରୁଛନ୍ତି ତାଙ୍କ ସ୍ଥାନ ଖାଲି ପଡୁଛି । ଗତ ଫନିବାତ୍ୟା ସମୟରେ ଏକମାସରୁ ଉର୍ଦ୍ଧ୍ୱ ବିଦ୍ୟୁତ୍ ସରବରାହ ବନ୍ଦ ଥିବାବେଳେ ଟାଇପର ଗୁରୁତ୍ୱ ବଢିଥିଲା । ଟାଇପିଷ୍ଟଙ୍କ ଘରକୁ ଯାଇ ଅନେକ ବ୍ୟକ୍ତି ଟାଇପ କରି ଆଣୁଥିଲେ । ବିନା ବିଦ୍ୟୁତ୍ରେ ଏହା ଲେଖି ହୋଇ ପାରୁଥିବାରୁ ସବୁ ସମୟ ଓ ସବୁ ସ୍ଥାନରେ ମେସିନ୍ ନେଇ କାମ କରିବା ସମ୍ଭବ ହେଉଥିଲା । କମ୍ପ୍ୟୁଟରର ପ୍ରଚଳନ ପରେ ଟାଇପର ବ୍ୟବହାର ଆସ୍ତେ ଆସ୍ତେ କମିବାକୁ ଲାଗିଲା । ୧୮୭୪ ମସିହାରେ ପ୍ରଥମେ ଟାଇପ ରାଇଟର ବ୍ୟବହାର କରାଯାଇଥିଲା । କାଗଜ ଉପରେ ଟାଇପର ଶବ୍ଦ ବହୁବର୍ଷ ପର୍ଯ୍ୟନ୍ତ ଲିପିବଦ୍ଧ ରହୁଥିଲା । ଏବେ କମ୍ପ୍ୟୁଟର ଅକ୍ଷର କିଛି ବର୍ଷ ପରେ ଫିକା ପଡ଼ି ଯାଉଥବା ଦେଖିବାକୁ ମିଳୁଛି । କିଛି ଟାଇପିଷ୍ଟ ଆଗାମୀ ପିଢି ଟାଇପ ରାଇଟର ମେସିନ କିପରି ଥିଲା ଜାଣିବା ଓ ଦେଖିବା ପାଇଁ ସାଇତି ରଖୁଛନ୍ତି । ବିଜୁବାବୁଙ୍କ ଶାସନ କାଳରେ ସବୁ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ଟାଇପ କରିବା ପାଇଁ ଓଡ଼ିଆ ଟାଇପ ରାଇଟର ଯୋଗାଇ ଦିଆଯାଇଥିଲା । ତାହା ଏବେ ନଷ୍ଟ ହୋଇ ଗୋଦାମ ଘରେ ପଡ଼ି ରହିଛି । ଟାଇପ ରାଇଟର ମରାମତି ପାଇଁ ପୁରୀର ଟାଇପ ରାଇଟରମାନେ ଏବେ ଭୁବନେଶ୍ୱରରେ ଥିବା ମେକାନିକ୍ ଉପରେ ନିର୍ଭର କରୁଛନ୍ତି । ସେତେବେଳେ ଟାଇପ ରାଇଟରଙ୍କ ହାତକୁ ଫୁରସତ ନଥିଲା । ଭଲ ରୋଜଗାର ବି ହେଉଥିଲା । ଏବେ କମ୍ପ୍ୟୁଟର ଯୁଗରେ ଟାଇପ ରାଇଟରମାନେ ବଞ୍ଚିବା ପାଇଁ ସଘଂର୍ଷ କରୁଛନ୍ତି । ଅଦାଲତ ଓ ଓକିଲଖାନା ନିକଟରେ ଟକ ଟାକ୍ ଟାଇପ ମେସିନ ଚାଲୁଥିବା ଦେଖିବାକୁ ମିଳୁଛି । ହର୍ମିସ୍, ରେମିଙ୍ଗଟନ୍, ଗୋଦରେଜ ପ୍ରାଇମର, ଇମ୍ପାରିଆଲ, ଓଲିଭର ଆଦି କମ୍ପାନିର ଟାଇପ ମେସିନ ପ୍ରଚଳନ ହେଉଥିଲା । ଟାଇପ ମେସିନର କି ବୋର୍ଡ଼, କାଳି ଫିତା, କାଗଜ ରୋଲିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିବାରୁ ଟାଇପ କରିବା ସୁବିଧା ଜନକ ହେଉଥିଲା । ଟାଇପରେ ଲିପିବଦ୍ଧ ଅକ୍ଷର ଭୁଲ ରହିଲେ ତାହା ରବରରେ ଲିଭାଯାଇ ଠିକ୍ କରାଯାଉଥିଲା ।

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡ଼ିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମୟରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଫ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ôକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପଂଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

## କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି । ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା । ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବ

ପୁରୀ,(ପି.ଏନ) କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ଆନୁକୂଲ୍ୟରେ ଶ୍ରୀ ସଦାଶିବ ପରିସର ଦ୍ୱାରା ପୁରୀ ପୌରସଦନ ଠାରେ ତ୍ରିଦିବସୀୟ ଅଖିଳ ଭାରତୀୟ ରୂପକ ମହୋତ୍ସବର ଦ୍ୱିତୀୟ ଦିବସରେ ବିକ୍ରମ କିଶୋର ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, କାଲିଆ ଛକ, ପଶ୍ଚିମବଙ୍ଗ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଲଳିତାମାଧବମ୍, କେନ୍ଦ୍ରିୟ ସଂସ୍କୃତ ବିଶ୍ୱବବିଦ୍ୟାଳୟ ଲକ୍ଷ୍ନୌ ପରିସର ବିର୍ଦ୍ୟାଥୀଙ୍କ ଦ୍ୱାରା ବେଣୀସଂହାର, ଜୟପୁର ପରିସର ଅଧ୍ୟାୟୀଙ୍କ ଦ୍ୱାରା ବାଳଚରିତମ୍, ବେଦବ୍ୟାସ ପରିସର, ହିମାଚଳ ପ୍ରଦେଶ ଅଧ୍ୟାୟୀଙ୍କ ଦ୍ୱାରା କ୍ରିଷ୍ଣଭକ୍ତି ଚନ୍ଦ୍ରିକା, ଶ୍ରୀ ରଣବୀର ପରିସର, ଜମ୍ମୁ ଅଧ୍ୟାୟୀଙ୍କ ଦ୍ୱାରା ଉତରରାମଚରିତମ୍ ଏବଂ ଗୁରୁଭୈର ପରିସର କେରଳଙ୍କ ଦ୍ୱାରା ସୁଭଦ୍ରଧନଞ୍ଜୟମ୍ ଅତ୍ୟନ୍ତ ମନୋରମ ପରିବଶେ ମଧ୍ୟରେ ପରିବେଶିତ ହୋଇଯାଇଛି ।ଏହି ରୂପକ ମହୋତ୍ସବରେ, କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀର ମାନ୍ୟବର କୁଳପତି ତଥା ଅଖିଳ ଭାରତୀୟ ରୂପକ ମହୋତ୍ସବର ସମନ୍ୱୟକ ପ୍ରଫେସର ଶ୍ରୀନିବାସ ବରଖେଡ଼ି, ଶ୍ରୀ ସଦାଶିବ ପରିସରର ନିର୍ଦ୍ଦେଶକ ଏବଂ ଅଖିଳ ଭାରତୀୟ ରୂପକ ମହୋତ୍ସବର ସଂଯୋଜକ ପ୍ରଫେସର ଖଗେଶ୍ୱର ମିଶ୍ରଙ୍କ ସମେତ ପ୍ରଫେସର ଅତୁଲ କୁମାର ନନ୍ଦ, ପ୍ରଫେସର ବଳଦେବାନନ୍ଦ ସାଗର, ପ୍ରଫେସର ଲୋକମାନ୍ୟ ମିଶ୍ର, ପ୍ରଫେସର ସର୍ବନାରାୟଣ ଝା, ପ୍ରଫେସର ୱାଇ.ଏସ୍. ରମେଶ, ପ୍ରଫେସର ଏସ୍.କେ.ସେନାପତି, ପ୍ରଫେସର ଅଭିରାଜ ରାଜେନ୍ଦ୍ର ମିଶ୍ର, ପ୍ରଫେସର ବନମାଳି ବିଶ୍ୱାଳଙ୍କ ସମେତ ବିଚାରକମଣ୍ଡଳୀଙ୍କ ସହ ବହୁ ମାନ୍ୟଗଣ୍ୟ ବିଦ୍ୱାନଗଣ ଏବଂ ସଦାଶିବ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଧ୍ୟାୟୀମାନେ ଉପସ୍ଥିତ ଥିଲେ ।


MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

୨୫ତମ ସ୍ୱନକ୍ଷତ୍ର ଦିବସ ଅଭିନନ୍ଦନ

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Sunday February 05, 2023 ଭୁବନେଶ୍ୱର ରବିବାର, ଫେବୃଆରୀ ୦୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କିମ୍ସରେ ବିଶ୍ୱ କର୍କଟ ଦିବସ ପାଳିତ




ଭୁବନେଶ୍ୱର,(ପି.ଏନ): କିମ୍ସ କ୍ୟାନସର କେୟାର ସେଣ୍ଟର ପକ୍ଷରୁ ଶନିବାର ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କର୍କଟ ରୋଗର ମୁକାବିଲା କରିବା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇବା ଲକ୍ଷ୍ୟରେ ଏକ ପଦଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ କିଟ୍, କିସ୍ ଏବଂ କିମ୍ସ ଛାତ୍ରଛାତ୍ରୀ, ଡାକ୍ତର, ପ୍ରଫେସର ଏବଂ ହସ୍ପିଟାଲ କର୍ମଚାରୀ ସାମିଲ ହୋଇ ପୋଷ୍ଟର, ବ୍ୟାନର ଏବଂ ସ୍ଲୋଗାନ ଆଦି ମାଧ୍ୟମରେ ଲୋକଙ୍କୁ ସଚେତନ କରାଇଥିଲେ। ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଚଳିତବର୍ଷର ବିଷୟବସ୍ତୁ ଥିଲା 'କ୍ଲୋଜ ଦ କେୟାର ଗ୍ୟାପ୍'। ଏହି ଅବସରରେ ଆୟୋଜିତ ଏକ ଆଲୋଚନାଚକ୍ରରେ ସୂଚନାଦେଇ କିମ୍ସ କ୍ୟାନସର କେୟାର ସେଣ୍ଟର ନିର୍ଦ୍ଦେଶକ ଡା. ବିଧୁ କଲ୍ୟାଣ ମହାନ୍ତି କହିଲେ, କର୍କଟ ରୋଗ ସମ୍ପର୍କରେ ସଚେତନତା ବୃଦ୍ଧି ପାଇଲେ, ଠିକ୍ ସମୟରେ ରୋଗ ଚିହ୍ନଟ ହୋଇପାରିଲେ ଓ ଠିକ୍ ସମୟରେ ଚିକିତ୍ସା କରାଗଲେ କର୍କଟ ରୋଗ ଆରୋଗ୍ୟ ହେବାର ସମ୍ଭାବନା ରହିଛି। ସାରା ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨ କୋଟି ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଥିବା ବେଳେ ୪ ରୁ ୫ କୋଟି ରୋଗୀ ଚିକିତ୍ସିତ ହେଉଛନ୍ତି। ଭାରତରେ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ କର୍କଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେହିପରି ଚିକିତ୍ସା ଅଭାବରୁ ପ୍ରତିବର୍ଷ ସମଗ୍ର ବିଶ୍ୱରେ ହୋଉଥିବା ୧୦ ଲକ୍ଷ ମୃତ୍ୟୁ ହାରର ୭୦ ପ୍ରତିଶତ ହେଉଛନ୍ତି ସ୍ୱଳ୍ପ ଏବଂ ମଧ୍ୟବିତ୍ତ ଦେଶର ଲୋକ। ତେଣୁ ବାଛ ବିଚାର ନକରି ସଭିଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ମିଳିବା ଆବଶ୍ୟକ ବୋଲି ବିଶିଷ୍ଟ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ସରୋଜ ରଞ୍ଜନ ସାହୁ କହିଥିଲେ। କିଛି ଲୋକ ଭୟରେ ଡାକ୍ତରଙ୍କୁ ଦେଖାଇବାକୁ ଆସୁନଥିବା ବେଳେ କିଛି ତାଙ୍କୁ କର୍କଟ ରୋଗ ହୋଇଛି ବୋଲି ସ୍ୱୀକାର କରିବାକୁ ଦ୍ୱିଧା ପ୍ରକାଶ କରନ୍ତି। ଫଳରେ ଚିକିତ୍ସାରେ ବିଳମ୍ବ ଘଟି ପରବର୍ତ୍ତୀ ସମୟରେ ମାରାତ୍ମକ ସାଜିଥାଏ ବୋଲି ଡା. ସାହୁ କହିଥିଲେ। କିମ୍ସ କ୍ୟାନସର ହସ୍ପିଟାଲରେ ବହୁ ଖ୍ୟାତି ସମ୍ପନ୍ନ ଡାକ୍ତର ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ କର୍କଟ ରୋଗୀଙ୍କୁ ଉନ୍ନତ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି ଡାକ୍ତରମାନେ ସୂଚନା ଦେଇଥିଲେ। ବିଶିଷ୍ଟ ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ସବ୍ୟସାଚୀ ପରିଡ଼ା କହିଲେ, ଆମ ଦେଶରେ ଦେଖା ଯାଉଥିବା କର୍କଟ ରୋଗ ମଧ୍ୟରେ ଫୁସ୍‌ଫୁସ୍ କର୍କଟ, ପାକସ୍ଥଳୀ ର୍କକଟ, ମୁଖ କର୍କଟ ଏବଂ ମହିଳାମାନଙ୍କ କ୍ଷେତ୍ରରେ ସାଧାରଣତଃ ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ଦେଖିବାକୁ ମିଳିଥାଏ। ଏହି ରୋଗକୁ ବିଭିନ୍ନ ଉପାୟରେ ଡାକ୍ତରୀ ପରୀକ୍ଷା କରି ଚିହ୍ନଟ କରାଯାଇଥାଏ। ପ୍ରାଥମିକ ଅବସ୍ଥାରେ ଏହାର ଉପଚାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରାଥମିକ ଅବସ୍ଥାରେ ଚିକିତ୍ସା କରାଗଲେ ଏହି ରୋଗ ଅନେକମାତ୍ରାରେ ଆରୋଗ୍ୟ ହୋଇ କରିପାରିବ। ଅନ୍ୟ ଡାକ୍ତରମାନଙ୍କ ମଧ୍ୟରେ ଡା. ବିଶ୍ୱଜିତ ଭୂୟାଁ, ଡା. ଯୋଗମାୟା ପଟ୍ଟନାୟକ, ଡା. ଆଦର୍ଶ ୟାଦୱାଦ୍ ଏବଂ ଡା. ଉଷାର୍ଶୀ ଦାସ ପ୍ରମୁଖଙ୍କ ସମେତ ଅନେକ ମେଡିକାଲ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ଶେଷରେ କିମ୍ସ ନର୍ସିଂ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା କର୍କଟ ରୋଗ ସଚେତନତା ଭିତ୍ତିକ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

## ହାଇୱା ପଛରେ ପିଟିଲା ବସ୍ : ୨୦ ଆହତ

ବାରିପଦା,(ପି.ଏନ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର କରଞ୍ଜିଆ ଗ୍ରୀଡ଼ ନିକଟରେ ଆଜି ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ହାଇୱା ପଛରେ ବସ୍ ଧକ୍କା ଦେବାରୁ ୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସମସ୍ତ ଯାତ୍ରୀଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଯାତ୍ରୀମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଆଜି ଦିନ ପ୍ରାୟ ୧୧ ଟା ସମୟରେ କଲ୍ୟାଣି ନାମକ ଏହି ଘରୋଇ ଯାତ୍ରୀବାହୀ ବସ୍ ୪୦ ଜଣ ଯାତ୍ରୀଙ୍କୁ ନେଇ ହାତୀବାରିରୁ କରଞ୍ଜିଆ ଅଭିମୁଖେ ଆସୁଥିଲା। କରଞ୍ଜିଆ ଗ୍ରୀଡ଼ ନିକଟରେ ଏକ ହାଇୱା ରାସ୍ତାକଡ଼ରେ ଠିଆ ହୋଇଥିଲା। ବସ୍ ଟି ଭାରସାମ୍ୟ ହରାଇ ହାଇୱା ପଛରେ ଧକ୍କା ଦେଇଥିଲା।

## ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଜରାନିବାସ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ




ପାରାଦୀପ,(ପି.ଏନ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ମନସା ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାରାଦୀପ ଉପକଣ୍ଠରେ ଥିବା ସାଇରାମ ଜରା ନିବାସ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଟର୍ମିନାଲର ମୁଖ୍ୟ ମନୀସ ଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ତେବାସୀଙ୍କୁ ୨୫ ଗୋଟି ଷ୍ଟିଲ ବେଡ୍, ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ବ□ନ କରାଯାଇଥିଲା। ଅନ୍ତେବାସୀ ସେମାନଙ୍କ ବ୍ୟବହୃତ ସାମଗ୍ରୀ ରଖିବା ପାଇଁ ଷ୍ଟିଲ ବାକ୍ସ ପ୍ରଦାନ କରାଯାଇଥିଲା। ଜରା ନିବାସ ଅନ୍ତେବାସୀଙ୍କ ଖାଦ୍ୟ ନିମନ୍ତେ ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା। ମନସା ଚାରିଟେବୁଲ୍ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସମାଜସେବୀ ମୃତ୍ୟୁଂଜୟ ମିଶ୍ର ଏହି କାର୍ଯ୍ୟକ୍ରମରେ ପୌରହିତ୍ୟ କରିଥିଲେ। ଟ୍ରଷ୍ଟ ପକ୍ଷରୁ ଏନ୍.ସି.ଅଗସ୍ତି, ଅକ୍ଷୟ ଚନ୍ଦ୍ର ମିଶ୍ର,ସୁକାନ୍ତ ବେହେରା,ବୈଷ୍ଣବ ଚରଣ ରାଉତ,ବସନ୍ତ ଗୋଛାୟତ,ହରିହର ଜେନା,ମନୋଜ ମଣ୍ଡଳ ପ୍ରମୁଖ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ପାରାଦୀପ କଳାକାର ଟ୍ରଷ୍ଟର ନବ ନିର୍ବାଚିତ କର୍ମକ□ୀଙ୍କ ଶପଥ ଗ୍ରହଣ

ପାରାଦୀପ,(ପି.ଏନ):ପାରାଦୀପ କଳାକାର ଟ୍ରଷ୍ଟର ନବ ନିର୍ବାଚିତ କର୍ମକ□ୀମାନଙ୍କର ଶପଥ ଗ୍ରହଣ ସମାରୋହ ଶୁକ୍ରବାର ସଂଧ୍ୟାରେ ପାରାଦୀପ ମଧୁବନସ୍ଥିତ ଶ୍ରମିକ ଭବନ ପରିସରରେ ଆୟୋଜିତ ହୋଇଥିଲା। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦରର ଟ୍ରଷ୍ଟି ଶ୍ରୀକାନ୍ତ ରାୟ,ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ବିଜୁ ଯୁବ ଜନତା ଦଳର ନଗର ସଭାପତି ଆଲୋକ ମହାପାତ୍ର,ସମାଜସେବୀ ପ୍ରଭାସ ସ୍ୱାଇଁ, ସଙ୍ଗୀତ ପ୍ରଶିକ୍ଷକ ମାନସ ପଣ୍ଡା, ନୃତ୍ୟ ପ୍ରଶିକ୍ଷକ ନିରଂଜନ ଗାହାଣ, ଟ୍ରଷ୍ଟର ଆଇନ୍ ଉପଦେଷ୍ଟା ସଂଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଟ୍ରଷ୍ଟର ଉପସଭାପତି ଚିତ୍ରସେନ ପ୍ରଧାନ,ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ସମ୍ପାଦକ ବିଶ୍ୱଜିତ ରାଉତ। କଳାକାରମାନେ ସଙ୍ଗଠିତ ହୋଇ ପାରାଦୀପ ଅଂଚଳରେ ତଥା ବିଭିନ୍ନ ସ୍ଥାନରେ କଳାର ବିକାଶ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।

## ନୂତନ ରେଳପଥ ସଂଯୋଗୀକରଣ କ୍ଷେତ୍ରରେ ମୟୂରଭ ଜିଲ୍ଲା କେନ୍ଦ୍ର ଅବହେଳାର ଶିକାର : ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ

ବାରିପଦା,(ପି.ଏନ): ମୟୂରଭ ଜିଲ୍ଲାର ପର୍ଯ୍ୟଟନର ବିକାଶ ସହିତ ଅନ୍ୟାନ୍ୟ ଅନୁସାଂଗିକ ଉନ୍ନତି ନୂତନ ରେଳଲାଇନ ସଂଯୋଗୀକରଣ ଓ ନୂତନ ରେଳ ଚଳାଚଳ ଉପରେ ନିର୍ଭର କରୁଛି। ଆଦିବାସୀ ବହୁଳ ମୟୂରଭ ଜିଲ୍ଲା ପ୍ରାକୃତିକ ସମ୍ପଦରେ ଭରପୁର , କିନ୍ତୁ ବଡ ବଡ ସହର ସହିତ ରେଳଲାଇନ ସଂଯୋଗୀକରଣ ହୋଇ ନ ଥିବାରୁ ମୟୂରଭ ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପ ସଂସ୍ଥା ଆଗକୁ ଆଗେଇପାରୁ ନାହିଁ। ଯଦିଓ କେନ୍ଦ୍ର ବିଜେପି ସରକାର ସବକା ସାଥ ସବକା ବିକାଶ କଥା କହୁଛନ୍ତି, କିନ୍ତୁ କାର୍ଯ୍ୟରେ କେବଳ ବଡ ବଡିଆଙ୍କ ସାଥ ଦେଉଛନ୍ତି। ବୁଢାମରା - ଚାକୁଳିଆ ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ୨୦୦୮-୦୯ ମସିହାରେ ରେଳ ବିଭାଗ ନିଷ୍ପ□ ନେଇଥିଲେ। କିନ୍ତୁ ବ□ମାନ କେନ୍ଦ୍ର ସରକାର ୨୦୨୩-୨୪ ମସିହା ବଜେଟରେ କେବଳ ହଜାରେ ଟଙ୍କା ଅର୍ଥ ବରାଦ୍ କରିବା ମୟୂରଭବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କର ବୈମାତୃକ ମନୋଭାବର ପ୍ରମାଣ। ସେହିପରି ବାଙ୍ଗିରିପୋଷି - ଗୋରୁମହିଷାଣି ନୂତନ ରେଳ ଲାଇନ ସଂଯୋଗୀକରଣ ନିମନ୍ତେ ମୟୂଭବାସୀଙ୍କ ଦ୍ୱାରା ଦୀର୍ଘ ଦିନରୁ ଦାବୀ ହୋଇଆସୁଅଛି। କିନ୍ତୁ କେନ୍ଦ୍ର ସରକାର ଏହି ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ଟଙ୍କାଟିଏ ମଧ୍ୟ ବ୍ୟୟବରାଦ କରିନାହାନ୍ତି। ବାଙ୍ଗିରିପୋଷିରୁ ପୁରୀ ରାତ୍ରୀକାଳିନ ଟ୍ରେନ ଚଳାଚଳ ନିମନ୍ତେ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ପୂର୍ବତନ ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ କ୍ଷୋଭ ପ୍ରକାଶ କରିଛନ୍ତି। ଏଣୁ କେନ୍ଦ୍ର ସରକାର ବୁଢାମରା ଚାକୁଳିଆ, ବାଙ୍ଗିରିପୋଷି, ଗୋରୁମହିଷାଣି ନୂତନ ରେଳ ଲାଇନ ନିର୍ମାଣ ନିମନ୍ତେ ୨୦୨୩-୨୪ ବଜେଟରେ ଅନ୍ତତଃ ୧୦୦୦ କୋଟି ଅର୍ଥ ବ୍ୟୟବରାଦ କରିବାକୁ ଦାବୀ କରିଛନ୍ତି। ସେହିପରି ବାଙ୍ଗିରିପୋଷିରୁ ପୁରୀ ଏକ ରାତ୍ରିକାଳୀନ ଟ୍ରେନ ଯଥାଶୀଘ୍ର ଚଳାଚଳ କରିବାକୁ ଶ୍ରୀମତୀ ହେମ୍ବ୍ରମ ଦାବୀ କରିଛନ୍ତି।

## ବେଆଇନ ବାଲିଘାଟରେ ଚଢ଼ଉ ବେଳେ ଆକ୍ରମଣର ଶିକାର ହେଲେ ବାଲେଶ୍ୱର ଉପଜିଲ୍ଲାପାଳ

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ବାଲି ମାଫିଆ ମାନଙ୍କର ସାହସ କେତେ ବଢି ଯାଇଛି ଯେ ସେମାନେ ଡ୍ୟୁଟି କରୁଥିବା ଅଧିକାରୀ ମାନଙ୍କ ଉପରେ ମଧ୍ୟ ମରଣାନ୍ତକ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ଏଭଳି ଘଟଣା ବାଲେଶ୍ୱର ଜିଲ୍ଲାରେ ଦେଖିବାକୁ ମିଳିଛି। ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଫିଲାଡି କଂଟାବଣିଆ ନିକଟ ବୁଢାବଳଙ୍ଗ ନଦୀରେ ଏକ ବେଆଇନ ବାଲିଘାଟରେ ଚଢ଼ଉ କରିବାକୁ ଯାଇ ବାଲେଶ୍ୱର ଉପଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ ଏବଂ ତାଙ୍କ ଡ୍ରାଇଭର ପ୍ରାଣାନ୍ତକ ଆକ୍ରମଣର ଶିକାର ହୋଇଛନ୍ତି।

## ଓଡିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ୧୦,୦୧୨ କୋଟି ଟଙ୍କା

ଭୁବନେଶ୍ୱର,(ପି.ଏନ): ଓଡିଶା ପାଇଁ ଚଳିତ ବଜେଟରେ ରେକର୍ଡ ବ୍ୟୟବରାଦ କରାଯାଇଛି। ଓଡିଶାରେ ରେଳ ଭିତ୍ତିଭୂମି ବିକାଶ ପାଇଁ ୧୦,୦୧୨ କୋଟି ଟଙ୍କାର ବ୍ୟବସ୍ଥା କରା ଯାଇଥିବା ନେଇ ପୂର୍ବ ତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି। ଦିଆଯାଇଥିବା ସୂଚନା ଅନୁସାରେ ୨୦୦୯-୧୪ ମଧ୍ୟରେ ହାରାହାରି ବାର୍ଷିକ ବଜେଟ ଖର୍ଚ୍ଚ (କୋଟି) ୮୩୮ କୋଟି ଥିବା ବେଳେ ୨୦୨୩-୨୪ରେ ଏହା ୧୨ ଗୁଣ ବଢି ୧୦,୦୧୨ କୋଟି ଟଙ୍କା ହୋଇଛି। ନୂତନ ଜନଜାତିୟ ଗୌରବ କରିଡର ପାଇଁ ୨୮୪ କୋଟି ଟଙ୍କା, ନୂତନ ଶକ୍ତି କରିଡର ପାଇଁ ୨୮୪ କୋଟି ଟଙ୍କା, ନୂତନ ପୋର୍ଟ ସଂଯୋଗୀକରଣ ପାଇଁ ୫୭ କୋଟିର ବ୍ୟୟବରାଦ କରାଯାଇଛି। ଏକ ଷ୍ଟେସନ ଏକ ପ୍ରଡ଼କ୍ଟ ଯୋଜନା ମାଧ୍ୟମରେ ୨୮ ଷ୍ଟେସନ ଚିହ୍ନିତ ହୋଇଛି। ଏଗୁଡିକ ମଧ୍ୟରେ ପୁରୀ: ପଟ୍ଟଚିତ୍ର ଏବଂ ପିପିଲି ଆପ୍ଲିକ, ମିଠା, କଟକ: ରୂପା କାରୁକାର୍ଯ୍ୟ, ବୟନଶିଳ୍ପ, ହସ୍ତଶିଳ୍ପ. ରାଉରକେଲା: ଜନଜାତିୟ ଉତ୍ପାଦ ଏବଂ ଭର୍ମୀ କମ୍ପୋଷ୍ଟ.କୋରାପୁଟ: କୋଟପାଡ ଶାଢୀ, ଖେଳଣା. ଢେଙ୍କାନାଳ: ଢୋକ୍ରା କାଷ୍ଟିଙ୍ଗ, ଜନଜାତିୟ ଗହଣା. ସମ୍ବଲପୁର: ସମ୍ବଲପୁରୀ ଶାଢୀ ଓ ପୋଷାକ, ଟେରାକୋଟା. ଟିଟିଲାଗଡ: ବାଉଁଶ କାରୁକାର୍ଯ୍ୟ ଓ କାରିଗରି ପାଇଁ ଚିହ୍ନି ହୋଇଛି। ନୂଆ ଭୁବନେଶ୍ୱର, ରାୟଗଡା, ସମ୍ବଲପୁର, ଭଦ୍ରକ, ବ୍ରହ୍ମପୁର, ଯାଜପୁର କେନ୍ଦୁଝର ରୋଡ, ଖୋର୍ଦ୍ଧା ରୋଡ, ବାଲେଶ୍ୱର, ଝାରସୁଗୁଡା, ରାଉରକେଲା ପରି ୧୦ ଟି ଷ୍ଟେସନରେ ତକନିକ ଅର୍ଥନୈତିକ ଅଧ୍ୟୟନ ଆରମ୍ଭ ହୋଇଛି। ସେହିପରି ଢେଙ୍କାନାଳ, ତାଳଚେର ରୋଡ, ପାରାଦୀପ, ମଞ୍ଚେଶ୍ୱର, କେନ୍ଦୁଝରଗଡ, କୋରାପୁଟ, ଜୟପୁର, ତାଳଚେର, ଟିଟଲାଗଡ, ବଲାଙ୍ଗୀର, କେଶିଙ୍ଗା, କଣ୍ଟାବାଞ୍ଜି, ସମ୍ବଲପୁର ସିଟି, ଭାବନିପାଟନା, ଝାରସୁଗୁଡା ରୋଡ, ରେଢାଖୋଲ, ପାରଳାଖେମୁଣ୍ଡି, ବାରିପଦା, ଜଳେଶ୍ୱର, ରାଇରଙ୍ଗପୁର, ବ୍ରଜରାଜନଗର, ବଡ଼ବିଲ, ଅନୁଗୁଳ, ବାଲୁଗାଁ, ୨୭ ଟି ଷ୍ଟେସନରେ କାର୍ଯ୍ୟ ଚାଲୁରହିଅଛି। ଅନୁଗୁଳ, ବାଦାମପାହାଡ, ବଲାଙ୍ଗୀର, ବାଲେଶ୍ୱର, ବାଲୁଗାଁ, ବଡ଼ବିଲ, ବରଗଡ ରୋଡ, ବାରିପଦା, ବରପାଲି, ବେଳପାହାଡ, ବେତନଟୀ, ଭଦ୍ରକ, ଭାବନିପାଟନା, ଭୁବନେଶ୍ୱର, ବିମଳାଗଡ, ବ୍ରହ୍ମପୁର, ବ୍ରଜରାଜନଗର, ଛତ୍ରପୁର, କଟକ, ଦମନଯୋଡି, ଢେଙ୍କାନାଳ, ଗୁଣୁପୁର, ହରିଶଙ୍କରରୋଡ, ହୀରାକୁଦ, ଯାଜପୁର କେନ୍ଦୁଝର ରୋଡ, ଜଳେଶ୍ୱର, ଜରୋଲି, ଜୟପୁର, ଝାରସୁଗୁଡା, ଝାରସୁଗୁଡା ରୋଡ, କଣ୍ଟାବାଞ୍ଜି, କେନ୍ଦୁଝରଗଡ, କେଶିଙ୍ଗା, ଖରିଆର ରୋଡ, ଖୋର୍ଦ୍ଧା ରୋଡ, କୋରାପୁଟ, ଲିଙ୍ଗରାଜ ଟେମ୍ପୁଲ ରୋଡ, ମଞ୍ଚେଶ୍ୱର, ମେରମଣ୍ଡଳୀ, ମୁନିଗୁଡା, ନୂଆ ଭୁବନେଶ୍ୱର, ପାନପୋଷ, ପାରାଦୀପ, ପାରଳାଖେମୁଣ୍ଡି, ପୁରୀ, ରଘୁନାଥପୁର, ରେଢାଖୋଲ, ରାଇରଙ୍ଗପୁର, ରାଜଗାଙ୍ଗପୁର, ରାୟଗଡା, ରାଉରକେଲା, ସାକ୍ଷୀଗୋପାଳ, ସମ୍ବଲପୁର, ସମ୍ବଲପୁର ସିଟି, ତାଳଚେର, ତାଳଚେର ରୋଡ, ଟିଟିଲାଗଡ ପରି ୫୭ ଷ୍ଟେସନକୁ ବିକଶିତ କରାଯାଉଛି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



TUITION CLASSES for Std I to Std V Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray